আজি - ରବିବାର

ଆଜି - ରବିବାର
ତାରିଖ - ୨୧ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୭
ତିଥି - ସପ୍ତମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂ. ଫାଲଗୁନୀ, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରକୃତ ଶିକ୍ଷକ ହେଉଛନ୍ତି ସେହିମାନେ, ଯେଉଁମାନେ ଆମକୁ ଆମ ନିଜ ପାଇଁ ଚିନ୍ତା କରିବାକୁ ଶିକ୍ଷା ପ୍ରଦାନ କରନ୍ତି ।"

- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

E-News : www.Ajikali epaper.com

Vol.- 41 ISSUE- 68 R.N.I. REGD. No. 44026/86 ବାଲେଶ୍ୱର ୨୧ ଜୁନ୍ ୨୦୨୬ ରବିବାର BALASORE 21 JUNE 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତି

## ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ୪୭,୬୦୦ କୋଟିର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀଙ୍କୁ ନିଜ ଗ୍ରାମରେ ସ୍ୱାଗତ କରୁଛନ୍ତି ରାଷ୍ଟ୍ରପତି



ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରୁଛନ୍ତି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପ୍ରଦାନ



ରାଷ୍ଟ୍ରପତିଙ୍କ ଜନ୍ମ ଦିନରେ ବୃକ୍ଷ ରୋପଣ କରୁଛନ୍ତି ପ୍ରଧାନମନ୍ତ୍ରୀ



ରାଷ୍ଟ୍ରପତିଙ୍କ ସ୍ୱାମୀଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରୁଛନ୍ତି ପ୍ରଧାନମନ୍ତ୍ରୀ



ଜାହିରାପୀଠରେ ପୂଜାର୍ଚ୍ଚନା କରୁଛନ୍ତି ପ୍ରଧାନମନ୍ତ୍ରୀ



ରାଷ୍ଟ୍ରପତିଙ୍କ ସହ ଗାଁ ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ



ସାଧାରଣ ଜନତାଙ୍କ ସହ ଭାବ ବିନିମୟ କରୁଛନ୍ତି ପ୍ରଧାନମନ୍ତ୍ରୀ



ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଛାତ୍ରୀଙ୍କ ସହ ବାର୍ତାଳାପ କରୁଛନ୍ତି ପ୍ରଧାନମନ୍ତ୍ରୀ



ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସହ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ

ରାଇରଙ୍ଗପୁର : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମୟୂରଭଞ୍ଜ ଜିଲ୍ଲାର ପାହାଡପୁର ଗ୍ରାମ ଗସ୍ତ କରିଛନ୍ତି । ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ପବିତ୍ର ସାନ୍ତାଳୀ ଜାହେର ଏବଂ ହୋ ଜାହେରରେ ପୂଜାର୍ଚ୍ଚନା କରିଛନ୍ତି । ସେମାନେ ମଧ୍ୟ ପାହାଡ଼ପୁରଠାରେ ଦକ୍ଷତା କେନ୍ଦ୍ର ଏବଂ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା- 'ବିକାଶ ର ଧାରା, ଓଡ଼ିଶା ସାରା' । ଏହି କାର୍ଯ୍ୟକ୍ରମରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ରାଜ୍ୟ ବର୍ତମାନ ଉତ୍ସବର ଭାବନାରେ ବୁଡ଼ି ରହିଛି । ସଦ୍ୟ ସମାପ୍ତ ରଜ ମହୋତ୍ସବ ଏବଂ ମୟୂରଭଞ୍ଜର ପ୍ରସିଦ୍ଧ ବାରିପଦା ରଥଯାତ୍ରା ସମେତ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି । ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାରଙ୍କ ଦୁଇ ବର୍ଷ ପୂରଣ ପାଇଁ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଡବଲ-ଇଞ୍ଜିନ୍ ସରକାର ରାଜ୍ୟର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରୁଛି । କଲ୍ୟାଣକାରୀ ଯୋଜନା, ନିବେଶ, ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ମାଧ୍ୟମରେ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତନ ଆଣୁଛି । ସାନ୍ତାଳୀ ଭାଷାର ଅଲ ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ, ଡକ୍ଟର ଦମୟନ୍ତୀ ବେସରା ଏବଂ ଶ୍ରୀ ଚରଣ ହେମ୍ବ୍ରମ ପ୍ରମୁଖଙ୍କ ସମେତ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ସାନ୍ତାଳୀ ଭାଷା ଓ ସଂସ୍କୃତିର ପ୍ରଚାର ଏବଂ ସଂରକ୍ଷଣ ପାଇଁ ଭାରତ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ସରକାର ସାନ୍ତାଳୀରେ ଭାରତର ସମ୍ବିଧାନ ପ୍ରସ୍ତୁତ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ ମୟୂରଭଞ୍ଜ ମାଟିରୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ତାଙ୍କର ଉତାନକୁ ଓଡ଼ିଶା ଏବଂ ଦେଶ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଥିଲେ । ଏହାସହିତ ଜନସେବା, ନମ୍ରତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ସମର୍ପଣକୁ ପ୍ରଶଂସା କରିଥିଲେ । ରାଷ୍ଟ୍ରପତିଙ୍କ ସହିତ ପାହାଡପୁର ଗସ୍ତ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ କହିଥିଲେ, ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବାର ସୁଯୋଗ ମିଳିଥିଲା । ରାଷ୍ଟ୍ରପତି ମୁର୍ମୁଙ୍କ ପ୍ରେରଣାଦାୟକ ଉପସ୍ଥିତି ପିଲାମାନଙ୍କ ମଧ୍ୟରେ ବିଶେଷକରି ଆଦିବାସୀ, ଅନୁନ୍ନତ ଏବଂ ଅବହେଳିତ ସମ୍ପ୍ରଦାୟର ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ମହତ୍ୱାକାଂକ୍ଷା ସୃଷ୍ଟି କରୁଛି ବୋଲି ଶ୍ରୀ ମୋଦୀ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ । ସେ କହିଥିଲେ, ପାହାଡପୁର ଗ୍ରାମକୁ ଏକ ସୌର ଗ୍ରାମ ଭାବରେ ବିକଶିତ କରାଯିବ । ଏହା ପ୍ରତ୍ୟେକ ଘରେ ସୌର ବିଦ୍ୟୁତ ଶକ୍ତି ଉତ୍ପାଦନ ସୁନିଶ୍ଚିତ କରିବ । କୋଣାର୍କରେ ଥିବା ଓଡ଼ିଶାର ଭବ୍ୟ କୋଣାର୍କ ମନ୍ଦିର ଭଳି ପାହାଡପୁର ଦେଶ ପାଇଁ ଏକ ମଡେଲ ସୌରଚାଳିତ ଗ୍ରାମ ଭାବରେ ଉଭା ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି ଦେଖୁଛି । ସେ "ଭାରତର ବିକାଶ ପାଇଁ ପୂର୍ବ ଭାରତର ବିକାଶ" ନିମନ୍ତେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇଥିଲେ । 'ପୂର୍ବୋଦୟ' ନୀତି ପୂର୍ବ ରାଜ୍ୟଗୁଡ଼ିକର ଅପାର ସମ୍ଭାବନାକୁ ଉନ୍ମୁକ୍ତ କରୁଥିବା ସେ କହିଥିଲେ । ଶ୍ରୀ ମୋଦୀ କହିଥିଲେ, କେନ୍ଦ୍ର ଏବଂ ରାଜ୍ୟ ସରକାର ରେଳ ଭିତିଭୂମି, ରାଜପଥ, ଆର୍ଥିକ କରିଡର, ବନ୍ଦର, ଶକ୍ତି, ସେମିକଣ୍ଡକ୍ଟର, ସବୁଜ ଶକ୍ତି ଏବଂ ଆଧୁନିକ ଶିଳ୍ପରେ ରେକର୍ଡ ନିବେଶ ମାଧ୍ୟମରେ ଏହି ଶକ୍ତିଗୁଡ଼ିକୁ ପୂର୍ଣ୍ଣ ଉପଯୋଗ କରିବା ପାଇଁ ଏକାଠି କାମ କରୁଛନ୍ତି । ପ୍ରାୟ ୪୭,୦୦୦ କୋଟି ଟଙ୍କାର ରୂପାନ୍ତରକାରୀ ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ପାଇଁ ଯୋଗାଯୋଗ, ସାର୍ବଜନୀନ ସେବା, ଆର୍ଥିକ ସୁଯୋଗ ଏବଂ ଜୀବନଧାରଣର ଗୁଣବତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ । ପୂର୍ବ ଭାରତରେ ଓଡ଼ିଶା ଅଭିବୃଦ୍ଧି ଏବଂ ସମୃଦ୍ଧିର ପ୍ରବେଶପଥ ଭାବରେ ଉଭା ହେଉଛି ଏବଂ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି ଗୁରୁତ୍ୱାରୋପ କରି କହିଥିଲେ ଯେ ସରକାର ଓଡ଼ିଶାର ପ୍ରଚୁର ସମ୍ପଦକୁ ଅଭିବୃଦ୍ଧି ଏବଂ ସମୃଦ୍ଧିର ସୁଯୋଗରେ ପରିଣତ କରୁଛନ୍ତି । ସେ ଉତ୍କର୍ଷ ଓଡ଼ିଶା ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ହେଉଛି ରାଜ୍ୟବ୍ୟାପୀ ବୃହତ ନିବେଶ ଆକର୍ଷିତ କରିବା ଏବଂ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା । ଏହି ପଦକ୍ଷେପ ଅଧୀନରେ, ଓଡ଼ିଶା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇସାରିଛି । ୩.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଅନେକ ବୃହତ ପ୍ରକଳ୍ପ ବର୍ତମାନ କାର୍ଯ୍ୟକାରୀ ହେଉଛି । ରାଜ୍ୟର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଇ ଏକ ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ, ଶକ୍ତି କ୍ଷେତ୍ରରେ ୬,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରାଯାଉଛି । ସମୃଦ୍ଧ ସହର ଯୋଜନା ମାଧ୍ୟମରେ ସହରାଂଚଳ ବିକାଶ ତ୍ୱରାନ୍ୱିତ ହେଉଛି । ଏହି ପଦକ୍ଷେପଗୁଡ଼ିକ ଆଗାମୀ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ପ୍ରଦାନ କରିବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ । ଡବଲ-ଇଞ୍ଜିନ୍ ସରକାରଙ୍କ ସାମର୍ଥ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପ୍ରଶାସନକୁ ସିଧାସଳଖ ଲୋକଙ୍କ ପାଖକୁ ନିଆଯାଇଛି । ଏହା ଫଳରେ ନାଗରିକମାନଙ୍କୁ ସେମାନଙ୍କର ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାଳୟରୁ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁନାହିଁ ନାହିଁ । ଏହାଦ୍ୱାରା ଯୁବପିଢ଼ି, ମହିଳା, ଚାଷୀ ଏବଂ ସାଧାରଣ ନାଗରିକଙ୍କ ଆକାଂକ୍ଷା ପୂରଣ ହେଉଛି । ଶ୍ରୀ ମୋଦୀ ଓଡିଶା ସରକାରଙ୍କ ଅନେକ ପ୍ରମୁଖ କଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ଚାଷୀଙ୍କ ଠାରୁ କ୍ୱି[ାଲ ପିଛା ୩୧ ଶହ ଟଙ୍କାରେ ଧାନ କିଣାଯାଉଛି । ସୁଭଦ୍ରା ଯୋଜନା ଅଧୀନରେ ଏକ କୋଟିରୁ ଅଧିକ ମହିଳାଙ୍କୁ ଆର୍ଥିକ ସହାୟତା ମିଳିଛି । ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରିବା ପାଇଁ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରାଯାଇଛି । ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ଦିଆଯାଉଛି । ଭକ୍ତଙ୍କ ଭାବନାକୁ ସମ୍ମାନ ଜଣାଇ ଶ୍ରୀ ଜଗନ୍ନାଥ ମନ୍ଦିରର ଚାରିଟି ଦ୍ୱାର ଖୋଲାଯାଇଛି । "ସ୍ୱଚ୍ଛତା ମାଧ୍ୟମରେ ସ୍ୱାଗତ" ପଦକ୍ଷେପକୁ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ସମଗ୍ର ଅଂଚଳରେ ଚାଲିଥିବା ସାମ୍ପ୍ରତିକ ସ୍ୱଚ୍ଛତା ଅଭିଯାନକୁ ମଧ୍ୟ ପ୍ରଶଂସା କରିଥିଲେ । ଆଦିବାସୀ କଲ୍ୟାଣ ବିଷୟରେ ମତ ରଖି ପ୍ରଧାନମନ୍ତ୍ରୀ ମୋଦୀ ଆଦିବାସୀ ଅଂଚଳ ସହିତ ତାଙ୍କର ଦୀର୍ଘ ସମ୍ପର୍କକୁ ମନେ ପକାଇଥିଲେ । ଆଦିବାସୀ ସମ୍ପ୍ରଦାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବର୍ଷ ବର୍ଷର ସେବାକୁ ସେ ପ୍ରଶଂସା କରିଥିଲେ । ସେ କହିଥିଲେ, ଆଦିବାସୀ ଅଂଚଳଗୁଡ଼ିକ ଐତିହାସିକ ଭାବରେ ମୌଳିକ ସେବା ଏବଂ ଭିତିଭୂମିରୁ ବଂଚିତ ରହିଆସିଥିଲା । ତେଣୁ ଆଦିବାସୀ ବିକାଶକୁ ତାଙ୍କ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଥିଲା । ଧରତୀ ଆବା ଜନଜାତି ଗ୍ରାମ ଉତ୍କୃଷ୍ଟ ଅଭିଯାନ ଅଧୀନରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଏବଂ ଗୃହ ନିର୍ମାଣ ସହିତ ଜଡିତ ବିଭାଗଗୁଡ଼ିକ ଆଦିବାସୀ ଗ୍ରାମଗୁଡ଼ିକରେ ଜୀବନଧାରଣର ସ୍ଥିତି ଉନ୍ନତ କରିବା ପାଇଁ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ଜନମନ ମିଶନ ରାଷ୍ଟ୍ରପତି ମୁର୍ମୁଙ୍କ ସହିତ ହୋଇଥିବା ଆଲୋଚନାରୁ ଉତ୍ପନ୍ନ ହୋଇଛି ଏବଂ ଏହାକୁ ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ପାଇଁ ଡିଜାଇନ୍ କରାଯାଇଛି । ଏହା ସରକାରୀ ସେବାଗୁଡ଼ିକ ସିଧାସଳଖ ସବୁଠାରୁ ଦୁର୍ବଳ ଜନଜାତି ସମ୍ପ୍ରଦାୟ ପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରଦେଶରେ ପହଂଚାଇବା ସୁନିଶ୍ଚିତ କରିଥାଏ । ଆଦିବାସୀ ଯୁବକ ଯୁବତୀଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ, ସାରା ଦେଶରେ ପ୍ରାୟ ୫୦୦ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇସାରିଛି । ପ୍ରାୟ ୭୫୦ ବିଦ୍ୟାଳୟକୁ ମଞ୍ଜୁରୀ ଦିଆଯାଇଛି । ୧.୫ କୋଟିରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ମାଟ୍ରିକ୍ ପୂର୍ବ ଏବଂ ପରବର୍ତୀ ସ୍ତରରେ ଶହ ଶହ କୋଟି ଟଙ୍କାର ଛାତ୍ରବୃତି ପାଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଏକ ଅତିରିକ୍ତ ଜବାହାର ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମୋଦନ ଦିଆଯାଇଛି ବୋଲି ଶ୍ରୀ ମୋଦୀ ଘୋଷଣା କରିଥିଲେ । ଆଦିବାସୀ ସମ୍ପ୍ରଦାୟର ଲୋକମାନେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟସେବା ଆହ୍ୱାନକୁ ସମାଧାନ କରିବା ପାଇଁ ସେ ସିକଲ୍ ସେଲ୍ ଆନିମିଆ ଭଳି ରୋଗ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଏହା ଦୂରଦୂରାନ୍ତ ଅଂଚଳରେ ବଡ଼ ଚିନ୍ତାର କାରଣ ହୋଇଛି । ସେ କହିଥିଲେ, ସରକାର ଏହି ରୋଗ ବିରୁଦ୍ଧରେ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଛନ୍ତି । ଚାରି କୋଟିରୁ ଅଧିକ ସ୍ୱାସ୍ଥ୍ୟ କାର୍ଡ ବ[ନ କରାଯାଇଛି ଏବଂ ମାଗଣା ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଲକ୍ଷ ଲକ୍ଷ ଆଦିବାସୀ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରିଛନ୍ତି । ଜଳ ଜୀବନ ମିଶନ ମଧ୍ୟ ଆଦିବାସୀ ଅଂଚଳ ସମେତ ଦେଶବ୍ୟାପୀ ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଇ ଦେଉଛି ବୋଲି ସେ କହିଥିଲେ । ଭବିଷ୍ୟତକୁ ନେଇ ପ୍ରଧାନମନ୍ତ୍ରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁ[ ବିଷୟରେ ଉଲ୍ଲେଖ କରିଥିଲେ: ୨୦୩୬ରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେବ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ତମ ବାର୍ଷିକୀ ପାଳନ କରାଯିବ । ସେ କହିଥିଲେ, ଓଡ଼ିଶାର ଆକାଂକ୍ଷା ଏବଂ ଭାରତର ଆକାଂକ୍ଷା ମିଶି ଏକ ଶକ୍ତିଶାଳୀ ଓଡ଼ିଶା ଏକ ଶକ୍ତିଶାଳୀ ଭାରତ ଗଠନରେ ଯୋଗଦାନ ଦେବ । ଓଡ଼ିଶାକୁ ଜ୍ଞାନ ଏବଂ ଯୋଗ ପରମ୍ପରା ସହ ଗଭୀର ଭାବରେ ଜଡିତ ଏକ ଭୂମି ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଥିଲେ, ୨୧ ଜୁନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ । ସେ ଭାରତ ଓ ବିଶ୍ୱର ଲୋକମାନଙ୍କୁ ଯୋଗ ଦିବସରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବା ଏବଂ ଯୋଗକୁ ଜୀବନଶୈଳୀ ଭାବରେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ ।





# ରାଜ୍ୟସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତା

ବାଲେଶ୍ୱର(ନି.ପ୍ର.) ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ ?ଆଇଆ ?)-୨୦୨୬ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ଓ ମତଦାତା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ "କୌଣସି ଯୋଗ୍ୟ ମତଦାତା ବାଦ ପଡ଼ିବେ ନାହିଁ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତା ଆୟୋଜନ କରାଯାଇଛି ।ଏହି ପ୍ରତିଯୋଗିତା ୩୦ ମଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏଥିରେ ସ୍ଲୋଗାନ ପ୍ରତିଯୋଗିତା, ସ୍କିଟ୍ (ଲଘୁ ନାଟିକା) ପ୍ରତିଯୋଗିତା ଏବଂ ରିଲ୍ ମେକିଂ ପ୍ରତିଯୋଗିତା ଭଳି ତିନୋଟି ବିଭାଗ ରହିଛି ।ସ୍ଲୋଗାନ




ପ୍ରତିଯୋଗିତାରେ ଅଂଶଗ୍ରହଣ କାରୀମାନେ ନିଜର ନାମ, ଠିକଣା ଓ ମୋବାଇଲ ନମ୍ବର ସହ ସ୍ଲୋଗାନକୁ ଇ-ମେଲ୍ ? ମାଧ୍ୟମରେ ପଠାଇପାରିବେ । ସ୍କିଟ୍ ପ୍ରତିଯୋଗିତାରେ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ସଘନ ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମ ପୂରଣ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟ ଉପରେ ୧ରୁ ୫ ମିନିଟ୍ ମଧ୍ୟରେ ଭିଡିଓ ପ୍ରସ୍ତୁତ କରି ଦାଖଲ କରିବାକୁ ହେବ ।ରିଲ୍ ମେକିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କାରୀମାନେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ରିଲ୍ ଅପଲୋଡ୍ କରି ନାମ ଓ ଜିଲ୍ଲା ଉଲ୍ଲେଖ କରିବା ସହ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ଟ୍ୟାଗ୍ କରିବାକୁ ପଡ଼ିବ ।

ପ୍ରତିଯୋଗିତାର ସମସ୍ତ ଏଂଟ୍ରି ସହ ନାମ, ଠିକଣା ଓ ମୋବାଇଲ ନମ୍ବର ଉଲ୍ଲେଖ କରି deo.bls2014@gmail.com ଇ-ମେଲ୍ ? ଠିକଣାକୁ ପ୍ରେରଣ କରିବାକୁ କୁହାଯାଇଛି । ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନକାରୀଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର ଘୋଷଣା କରାଯାଇଛି । ସ୍ଲୋଗାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ କ୍ରମଶଃ ୩,୦୦୦, ୨,୫୦୦ ଓ ୨,୦୦୦ ଟଙ୍କା ପ୍ରଦାନ କରାଯିବ । ସ୍କିଟ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୧୦,୦୦୦ ଟଙ୍କା ରହିଛି । ସେହିପରି ରିଲ୍ ମେକିଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ କ୍ରମଶଃ ୨୦,୦୦୦, ୧୦,୦୦୦ ଓ ୫,୦୦୦ ଟଙ୍କା ନଗଦ ପୁରସ୍କାର ମିଳିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଯୁବବର୍ଗ, ଛାତ୍ରଛାତ୍ରୀ, ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଏବଂ ସଚେତନ ନାଗରିକମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମତଦାତା ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି ।

# ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶ୍ରୀ ଗିରିଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ କରିଥିଲେ ।ସେ କହିଥିଲେ କି ମୁଁ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ଏହି ସଂଘର ଉନ୍ନତି ପାଇଁ ଏକ ହଜାର ଟଙ୍କା ଅନୁଦାନ ଦେବି ।ଏହି ପରିପ୍ରେକ୍ଷୀରେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ



ଦେବେନ୍ଦ୍ର ବାରିକଙ୍କ ସହିତ କାଟିଥିବା ମୁହୂର୍ତ୍ତର ସ୍ମୃତିଚାରଣ କରିବା ସହିତ ତାଙ୍କ ଭଳି ଜଣେ ସୋଚଟ ସାଲିସ ବିହିନ ସାମ୍ବାଦିକ ହେବାକୁ ଆହ୍ୱାନ ଦେଇଥିଲେ । ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭାରେ ଦୁଇ ଜଣ ସାମ୍ବାଦିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ସାମ୍ବାଦିକ ମାସ ମିଡିଆରେ ଅର୍ଦ୍ଧେନ୍ଦୁ ଶେଖର ମିଶ୍ର, ଓ ଆଜିକାଲି ସମ୍ବାଦ ପତ୍ରର ସମ୍ପାଦକ ନିର୍ମାଲ୍ୟ ମହାନ୍ତି । ଏହି ସ୍ମୃତିଚାରଣ ସଭାରେ ସମ୍ପାଦକ ଗଗନ କୁମାର ସେଠୀ ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଆସନ୍ତା ବାର୍ଷିକ ଉତ୍ସବ ସଂଘର କିଭଳି ଭାବରେ ହେବ , ସାମ୍ବାଦିକ ମାନଙ୍କ ସୁବିଧା ଅସୁବିଧା ସମୟରେ କିଭଳି ଭାବରେ ସଂଘ ସେମାନଙ୍କ ପାଖରେ ଠିଆହୋଇ ପାରିବ କହିଥିଲେ । ଶରତ ଚନ୍ଦ୍ର ବାରିକ, ତ୍ରିଲୋଚନ ଉପାଧ୍ୟାୟ,ତପନ କୁମାର ଦାସ, ଭଗବାନ ଦାସ, ପୂର୍ଣ୍ଣ ଚନ୍ଦ୍ର ବେହେରା, ମିତାଂଜଳି ପାଣିଗ୍ରାହୀ, ଏବଂ ବହୁ ସାମ୍ବାଦିକ ବନ୍ଧୁମାନେ ଯୋଗଦାନ କରିବା ସହିତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ କରିଥିଲେ ।ଶେଷରେ ସାମ୍ବାଦିକ ସୁରେନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବ : ଓୟୁଜେ

ବାଲେଶ୍ୱର(ନି.ପ୍ର.)ସାମ୍ବାଦିକ ମାନେ ସ୍ୱେଚ୍ଛାକୃତ ରକ୍ତଦାନକୁ ଜନ ଆନ୍ଦୋଳନ ରେ ପରିଣତ କରିବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିପାରିଲେ ସମାଜର ରକ୍ତ ଅଭାବ ଜନିତ ସମସ୍ୟା କୁ ଦୂର କରାଯାଇ ପାରିବ ବୋଲି ଜିଲ୍ଲା ରକ୍ତଭଣ୍ଡାର ର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ମତବ୍ୟକ୍ତ କରିଛନ୍ତି । ଆଜି ବାଲେଶ୍ୱର ରକ୍ତ ଭଣ୍ଡାର ପରିସରରେ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରି ଡାକ୍ତର. ଉପାଧ୍ୟାୟ କହିଲେ ଯେ, ରକ୍ତଦାନ କରି ଜୀବନ ବଂଚାଇବା ପାଇଁ ସବୁ ବର୍ଗର ଲୋକେ ଆଗେଇ ଆସିବା ଉଚିତ । ଛାତ୍ରଛାତ୍ରୀ, ଯୁବକ ଯୁବତୀ, ଜନ ସାଧାରଣଙ୍କ ମନରେ ରକ୍ତଦାନ ,ମହତ ଦାନ ସଂମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସମସ୍ତ ସାମ୍ବାଦିକ ମାନଙ୍କ ଦାୟିତ୍ୱ ଏ୍ଂ କର୍ତବ୍ୟ ହେବା ଉଚିତ । ଏହି ବାର୍ତାକୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି



ପହଂଚାଇବା ଦିଗରେ ସାମ୍ବାଦିକ ମାନେ କାର୍ଯ୍ୟ କରିବା ଆବଶ୍ୟକ ।ରକ୍ତ ପାଇଁ ଅସହାୟ ଅବସ୍ଥାରେ ଥିବା ରୋଗୀ ଓ ତାଙ୍କ ଆତ୍ମୀୟ ମାନଙ୍କ ମଧ୍ୟରେ ଭରସା ଓ ବିଶ୍ୱାସ ସୃଷ୍ଟି କରିବା ଦିଗରେ ସାମ୍ବାଦିକ ମାନେ ସେତୁ ଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସମାଜ ର ବାଲେଶ୍ୱର ଜିଲ୍ଲା ସଂସ୍କରଣର ପୂର୍ବତନ ପରିଚାଳକ ମଧୁସୂଦନ ଦାସ ମତବ୍ୟକ୍ତ କରିଥିଲେ । ବିଶେଷ କରି ଥାଲାସେମିଆ ରେ ପୀଡ଼ିତ ଶିଶୁ, ଦୁର୍ଘଟଣାରେ ଶୀକାର ହୋଇଥିବା ବ୍ୟକ୍ତି ଓ ସର୍ବୋପରି ପ୍ରସୂତୀ ମାନଙ୍କ ପାଇଁ ରକ୍ତର ଆବଶ୍ୟକ ପଡିଥାଏ ।ଜିଲ୍ଲା ରେ ଏହି ସମସ୍ୟା କୁ ଦୂର କରିବା ପାଇଁ ୟୁନିଅନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ଏବଂ ଏହାକୁ ଏକ ଜନ ଆନ୍ଦୋଳନ ରେ ପରିଣତ କରାଯିବ ବୋଲି ୟୁନିଅନର ସଭାପତି ଗଙ୍ଗାଧର ରାଉତ ମତ ବ୍ୟକ୍ତ କରିଥିଲେ । ସାମ୍ବାଦିକ ମାନଙ୍କ ସହ ବହୁ ସଂଖ୍ୟକ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରି କାର୍ଯ୍ୟକ୍ରମ କୁ ସଫଳ କରିବା ରେ ସହାୟକ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ବରିଷ୍ଠ ସଦସ୍ୟ ଆଲୋକ କୁମାର ବାରିକ, ସଧାରଣ ସମ୍ପାଦକ ବିବେକା ନନ୍ଦ ଦାସ,ଲକ୍ଷ୍ମୀଧର ବାରିକ, ଆଶୁତୋଷ ମଲ୍ଲିକ, ରାଜଶ୍ରୀ ପାଣିଗ୍ରାହୀ କହ୍ନେଇ ଚରଣ ପ୍ରଧାନ , ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅଜିତ କୁମାର ମହାନ୍ତି,ଆଜିମ ବାଲେଶ୍ୱରୀ, ହାଇଦର ଖାନ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ ପାଳିତ

ନୀଳଗିରି,(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ-୨୦୨୬ ପାଳିତ ହୋଇଯାଇଛି । ଭାରତୀୟ ହର୍ସସୁ କ୍ରାବ ଗବେଷଣା ଓ ସଂରକ୍ଷଣ କେନ୍ଦ୍ର (ଉଜଉଓଐଉ), ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ବନ ବିଭାଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ- ଓଡ଼ିଶା ର ମିଳିତ ସହଯୋଗରେ ଏବଂ ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡର (ଓମବ୍ରିକ) ପ୍ରକଳ୍ପର ସହଭାଗୀ ସଂସ୍ଥାମାନଙ୍କ ଅଂଶଗ୍ରହଣ ସହ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓମବ୍ରିକ ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ସ୍ୱାଗତ ଭାଷଣରେ ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ପାଇଁ ସମନ୍ୱିତ ଓ ଦୀର୍ଘମିଆଦି ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ । ଓମବ୍ରିକ ପ୍ରକଳ୍ପର ଉପନିର୍ଦ୍ଦେଶକ ପ୍ରଫେସର ଭରତ ଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଏହି ପ୍ରକଳ୍ପର ସଂଯୋଜକ ପ୍ରଫେସର ପ୍ରକାଶ



ଚନ୍ଦ୍ର ମିଶ୍ର ପ୍ରକଳ୍ପର ଗବେଷଣା ଓ ସଂରକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବିଶ୍ୱବିଦ୍ୟାଳୟରେ ନୀଳରକ୍ତ କଙ୍କଡ଼ାର ଗବେଷଣା ଓ ପରିବେଶ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏହି ଅବସରରେ ନୀଳରକ୍ତ କଙ୍କଡ଼ାଙ୍କ ସଂରକ୍ଷଣ ସମ୍ପର୍କିତ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଜୈବବିବିଧତା ସଂରକ୍ଷଣ ଓ ଆନ୍ତଃବିଷୟକ ଗବେଷଣା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରୟାସକୁ ଉଲ୍ଲେଖ କରିବା ସହ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ମେରାଇନ ସାଇନ୍ସ ପାଠ୍ୟକ୍ରମ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ବାଲେଶ୍ୱର ଡିଏଫଓ ଶ୍ରୀ ପ୍ରତୀକ ପ୍ରକାଶ ଇନ୍ଦଲକର (ଓଋଝ) ,ଓଡ଼ିଶାର ତଟୀୟ ଅଂଚଳକୁ ନୀଳରକ୍ତ କଙ୍କଡ଼ାର ଏକ ପ୍ରମୁଖ ଆବାସସ୍ଥଳୀ ବୋଲି ଉଲ୍ଲେଖ କରି ପ୍ରଶାସନିକ ସହଯୋଗିତା, ଉପକୂଳୀୟ ବାସସ୍ଥଳୀ ସୁରକ୍ଷା, ବୈଜ୍ଞାନିକ ଗବେଷଣା ଓ ଜନସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଉପନିର୍ଦ୍ଦେଶକ ଡ଼କ୍ଟର ଶଶିକାନ୍ତ ଦାଶ ଓଡ଼ିଶାର ବ୍ଲୁ ଇକୋନୋମିର ସମ୍ଭାବନା ଏବଂ ସାମୁଦ୍ରିକ ଜୈବବିବିଧତା ସଂରକ୍ଷଣ ସହ ସ୍ଥାୟୀ ବିକାଶର ସମ୍ପର୍କ ଉପରେ ମତ ରଖିଥିଲେ । ବୈଷୟିକ ଅଧିବେଶନରକୋଲକାତା ସ୍ଥିତ ଆଇଜର ଶିକ୍ଷାନୁଷ୍ଠାନର ପ୍ରଫେସର ପୁଣ୍ୟଶ୍ଲୋକ ଭଦୁରୀ ଏବଂ ଏନଆଇଓ, ଗୋଆର ପୂର୍ବତନ ବୈଜ୍ଞାନିକ ଡ଼କ୍ଟର ଅନୀଲ ଚାଟାର୍ଜୀ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ଆବାସସ୍ଥଳୀ ନିରୀକ୍ଷଣ ଓ ପ୍ରମୁଖ ବିପଦ ସମ୍ପର୍କରେ ଆଲୋଚନା କରିଥିଲେ । ପୁନେ ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ଡ଼କ୍ଟର ବାସୁଦେବ ତ୍ରିପାଠୀ ଭାରତରେ ନୀଳରକ୍ତ କଙ୍କଡ଼ାର ବର୍ତମାନ ସମୟର ସଂରକ୍ଷଣ ସ୍ଥିତି ଉପସ୍ଥାପନ କରିଥିଲେ । ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥା- କୋଲକାତାର ସୌମ୍ୟରଞ୍ଜନ ଦାଶ ଟ୍ୟାଗିଂ ଓ ଟ୍ରାକିଂ ପ୍ରଯୁକ୍ତିର ସାମ୍ପ୍ରତିକ ଅଗ୍ରଗତି ଉପସ୍ଥାପନ କରିଥିଲେ । ଏହି ଅବସରରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ନୀଳରକ୍ତ କଙ୍କଡ଼ା ସମ୍ବନ୍ଧିତ ବିତର୍କ, ଚିତ୍ରାଙ୍କନ, ସ୍ଲୋଗାନ ଲେଖନ ଓ ଓମବ୍ରିକ ପ୍ରକଳ୍ପ ପାଇଁ ଲୋଗୋ ଡିଜାଇନ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା ।ନୀଳରକ୍ତ କଙ୍କଡ଼ା ଚାଷ ଓ ସଂରକ୍ଷଣ ଉପରେ ଏକ ଅଡିଓ-ଭିଜୁଆଲ ଫିଲ୍ମ ପ୍ରଦର୍ଶନ ହୋଇଥିଲା । କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡ଼ାର ପରିବେଶଗତ ଓ ଜୈବ-ଚିକିତ୍ସାଗତ ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି, ଯୁବପିଢ଼ୀଙ୍କ ମଧ୍ୟରେ ସଂରକ୍ଷଣ ମନୋଭାବ ସୃଷ୍ଟି ଏବଂ ସରକାର, ଶିକ୍ଷାନୁଷ୍ଠାନ, ସଂରକ୍ଷଣ ସଂଗଠନ ଓ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯାଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଘାଟନୀ ଅଧିବେଶନକୁ ଡ଼କ୍ଟର ତମନ୍ନା ପରିଡ଼ା ସଂଚାଳନ କରିଥିବା ବେଳେ ଡ଼କ୍ଟର ସନାତନ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇସ୍‌କ୍ରିମ୍‌ରେ ଗେଣ୍ଡା !

ବାଲେଶ୍ୱର, (ନି.ପ୍ର.)ନୀଳଗିରି ଅଂଚଳରେ ଆଇସ୍ ?କ୍ରିମ୍ ରେ ଗେଣ୍ଡା ବାହାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ବରହମପୁର ଅଂଚଳର ଜଣେ ବେପାରି ବୁଲିବୁଲି ଆଇସ୍‌କ୍ରିମ୍ ବିକ୍ରି କରୁଥିଲେ । ଭାଲୁକପୋଷି ଛକ ନିକଟରେ କିଛି ଛୋଟପିଲା ତାଙ୍କ ପାଖରୁ ଆଇସ୍‌କ୍ରିମ୍ କିଣିଥିଲେ । ତେବେ ଏହି ନଡ଼ିଆ ଆଇସ୍‌କ୍ରିମ୍ ଖାଇବା ବେଳକୁ ଏହା ଭିତରୁ ଏକ ଏକ ଗେଣ୍ଡା ବାହାରିଥିଲା । ଅସ୍ୱାସ୍ଥ୍ୟକର ପରିବେଶ ରେ ଆଇସ୍ ?କ୍ରିମ୍ ତିଆରି ହେଉଥିବାରୁ ଖାଦ୍ୟସୁରକ୍ଷା ବିଭାଗ ଘଟଣା ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।





ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ୨୦ ତାରିଖ ପୂର୍ବାହ୍ନରେ ସାମ୍ବାଦିକ ପ୍ରକୋଷ୍ଠରେ ସାଧାରଣ ସମ୍ପାଦକ ଗଗନ ସେଠୀଙ୍କ ଜନ୍ମଦିବସ ପାଳନ ହୋଇଯାଇଛି । (ଫଟୋ-ଦେବବ୍ରତ)

# ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରୁଫ୍-ରିଡିଂ ପାଠ୍ୟକ୍ରମ ପ୍ରଚଳନ ଦାବି କଲା ନିହାରିକା ଦାସ ସ୍ମୃତି ନ୍ୟାସ

ବାଲେଶ୍ୱର(ନି.ପ୍ର) ଓଡ଼ିଆ ବାର୍ତା, ବାଲେଶ୍ୱର, ଜୁନ୍ ୧୯ (କୃଷ୍ଣ କୁମାର ମହାନ୍ତି): ଗତ ଦୁଇ ବର୍ଷ ଧରି ଶ୍ରେଷ୍ଠ ପ୍ରୁଫ୍-ରିଡରମାନଙ୍କୁ ସମ୍ବର୍ଦ୍ଧିତ କରି ଆସୁଥିବା ଅଧ୍ୟାପିକା ନିହାରିକା ଦାସ ସ୍ମୃତି ନ୍ୟାସ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ପ୍ରୁଫ୍-ରିଡିଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଚଳନ ପାଇଁ ଦାବି କରିଛି ।ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଆଜି ଏକ ବିବୃତିରେ କହିଛନ୍ତି ଯେ, ପ୍ରୁଫ୍-ରିଡିଂ ପୁସ୍ତକ ପ୍ରକାଶନ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଂଶ । ବିକଶିତ ଦେଶଗୁଡ଼ିକ ଏହି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଆମେ ଏହାକୁ ଅବହେଳା କରୁଥିବାରୁ ପ୍ରକାଶିତ ପୁସ୍ତକଗୁଡ଼ିକରେ ବିଭିନ୍ନ ତ୍ରୁଟି ଦେଖାଦେଉଛି ।ସେ ଅଭିଯୋଗ କରିଛନ୍ତି ଯେ, ନିକଟରେ ଏସ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକଗୁଡ଼ିକରେ ପ୍ରୁଫ୍-ରିଡିଂ କରାଯାଇନଥିବା ପରି ମନେହେଉଛି ଏବଂ ସେଥିରେ ଅସଂଖ୍ୟ ତ୍ରୁଟି ରହିଛି । ଓଡ଼ିଆ ଭାଷାରେ ଦକ୍ଷ ପ୍ରୁଫ୍-ରିଡରଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ମହାନ୍ତ କହିଛନ୍ତି ଯେ, ଏହି କ୍ଷେତ୍ରରେ ଔପଚାରିକ ପ୍ରଶିକ୍ଷଣର ଆବଶ୍ୟକତା ରହିଛି ।ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରୁଫ୍-ରିଡିଂକୁ ପାଠ୍ୟକ୍ରମରେ ସାମିଲ କରାଯାଇଥିବା ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରକାଶନ କ୍ଷେତ୍ରରେ ଦକ୍ଷ ଜନଶକ୍ତି ସୃଷ୍ଟି ପାଇଁ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶୀଘ୍ର ଓଡ଼ିଆ ପ୍ରୁଫ୍-ରିଡିଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ କରାଯିବା ଉଚିତ୍ ।ଏଭଳି ପାଠ୍ୟକ୍ରମ ଭାଷାଗତ ଶୁଦ୍ଧତା ରକ୍ଷା, ପ୍ରକାଶନର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଓଡ଼ିଆ ଭାଷା ପାଇଁ ଏକ ନୂତନ ପିଢ଼ିର ଦକ୍ଷ ପ୍ରୁଫ୍-ରିଡର ସୃଷ୍ଟିରେ ସହାୟକ ହେବ ବୋଲି ଶ୍ରୀ ମହାନ୍ତ କହିଛନ୍ତି ।

# ନିଆରା ଢଙ୍ଗରେ ଭାଇ ପାଳିଲା ଭାଇର ଜନ୍ମଦିନ

ବାଲେଶ୍ୱର(ନି.ପ୍ର) ଏବେ ସଂସାରରେ ସମ୍ପତି ପାଇଁ କିମ୍ବା ଅର୍ଥ ପାଇଁ ବା ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରତ୍ୟେଙ୍କ ଘରେ ଭାଇ ଭାଇର ଶତ୍ରୁ ହୋଇ ହିଂସା କରିବାକୁ ପଛାଉନାହିଁ । ହେଲେ ଆଜିର ଭଳି ଦିବସରେ ବାଲେଶ୍ୱର ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଗୋଟିଏ ପରିବାରର ଦୁଇଭାଇ ଅର୍ଥାତ୍ ବଡ଼ଭାଇ, ସାନଭାଇର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିବା ବାସ୍ତବରେ ଅଭିନନ୍ଦନୀୟ



ପଦକ୍ଷେପ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଇ-ଟିଭି ଭାରତ ଗଣମାଧ୍ୟମରେ ପ୍ରତିନିଧି ଶ୍ରୀ ଜୀବନଜ୍ୟୋତି ନାୟକ ମତବ୍ୟକ୍ତ କରିଛନ୍ତି । ୨୦ ତାରିଖ ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ ଜ୍ଞାନ ରଂଜନ ଦାସଙ୍କ ଜନ୍ମଦିବସ ପାଳନ ହୋଇଯାଇଛି । ଏହି ଅବସରରେ ହାଇଦର ଖାଁ, ବିଧାନ ଚନ୍ଦ୍ର ଜେନା, ଧୀରଜ କୁମାର ଦାସ, ସଂଜିତ କୁମାର ଘୋଷ, ତପନ ଦାସ, ହରିଶଙ୍କର ଜେନା, ଦେବବ୍ରତ ପାଣିଗ୍ରାହୀ, ଚନ୍ଦନ କୁମାର ପାଣିଗ୍ରାହୀ, ପ୍ରସନ୍ନଜିତ୍ ଆଶ, କଂଜମଣି ସ୍ୱାଇଁ, ହ୍ରୀତିକ ନାୟକ ଓ ଗୁରୁପ୍ରସାଦ ବାରିକ ପ୍ରମୁଖ



ଗଣମାଧ୍ୟମରେ ପ୍ରତ୍ନିଧିଥିମାନେ ଜନ୍ମଦିବସରେ ଜ୍ଞାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।
ତାଙ୍କର ଭାଇ ତପନ ଦାସ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ମହିଳା ଓ ଶିଶୁ ବିକାଶ ବିଭାଗର ଉପ-ସଚିବ ନୟାଗଡ଼ ଗସ୍ତ




ନୟାଗଡ଼(ନିପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର ଉପ-ସଚିବ ଶ୍ରୀମତୀ ମୋନାଲିଶା ଦେବତା ଆଜି ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସେ ଖଣ୍ଡପଡା ବ୍ଲକର ତେନ୍ତୁଳିଆ ପଲ୍ଲୀ ଏବଂ ନୟାଗଡ଼ ବ୍ଲକର ଶିଖରାପୁର ଓ କ୍ରୀଡାଶପୁର ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ସେ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା ଏବଂ କେନ୍ଦ୍ରଗୁଡ଼ିକର ସାମଗ୍ରିକ କାର୍ଯ୍ୟକ୍ଷମତାର ସମୀକ୍ଷା କରିଥିଲେ । ଶିଶୁମାନଙ୍କ ସହ ଆଲୋଚନା କରି ସେମାନଙ୍କର ଶିକ୍ଷା ଓ ବିକାଶ ସମ୍ପର୍କରେ ଅବଗତ ହେବା ସହିତ ଗୁଣାତ୍ମକ ପୁଷ୍ଟି, ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡଃଡଡଂ), ଜିଲ୍ଲା ସଂଯୋଜକ (ପୋଷଣ), ଜିଲ୍ଲା ସଂଯୋଜକ (ଡଐରଡ), ସମ୍ପୃକ୍ତ ଉଡଚଡ, ସୁପରଭାଇଜର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପରିଦର୍ଶନ କାର୍ଯ୍ୟରେ ସହଯୋଗ କରିଥିଲେ ।

# ସବୁଜପତ୍ରିକାଧାରୀ ମହିଳା ମାନେ ଜନ୍ମ ନିୟନ୍ତ୍ରଣ ଯୋଜନାର ସମସ୍ତ ସରକାରୀ ସୁବିଧାରୁ ବଂଚିତ




ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ଶନିବାର ସବୁଜ ପତ୍ରିକା ଧାରି ମାଆ ଓ ସୁଚନା ଅଧିକାର ଆଇନ ବାଲିଆପାଳ ଶାଖା ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସବୁଜ ପତ୍ରିକା ଧାରି ମାଆ ମାନେ ଜନ୍ମ ନିୟନ୍ତ୍ରଣ ଯୋଜନାର ସମସ୍ତ ସରକାରୀ ସୁବିଧାରୁ ବଂଚିତ ଅଛନ୍ତି ବୋଲି ଦାବୀ କରିଛନ୍ତି । ତେବେ ତତ୍କାଳୀନ ସରକାର ୧୯୮୩ ମସିହାରେ ଜନସଂଖ୍ୟା ବୃଦ୍ଧିକୁ ଅଖି ଆଗରେ ରଖି ବିଭିନ୍ନ ଲୋଭନୀୟ ଯୋଜନା ଦେଖାଇ ହଜାର ହଜାର ମାଆ ମାନଙ୍କୁ ଜନ୍ମ ନିୟନ୍ତ୍ରଣ ଆଇନରେ ସାମିଲ କରଯାଇଥିଲା । ମାତ୍ର ତାହା ଆଜି ଯାଏ ପୂରଣ ହୋଇପାରିନାହିଁ । କିନ୍ତୁ ୨୦୧୨ ମସିହା ଠାରୁ ଏହି ଯୋଜନାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି ।ଯାହାକି ମାଆ ମାନଙ୍କ ପ୍ରତି ଘୋର ଅନ୍ୟାୟ । ଜନ୍ମ ନିୟନ୍ତ୍ରଣ ଯୋଜନା ଅନ୍ତର୍ଭୂକ୍ତ ଗରିବ ଓ ମଧ ବିତ ପରିବାରକୁ ବାସ ଗୃହ, ଭୂମୀ ହୀନ ମାଆମାନଙ୍କୁ ଆଠ ଡିସମିଲ ଘର ଡିହ, ସରକାରୀ ଶିକ୍ଷାନୁଷ୍ଠାନ ରେ ଶତକଡା ପାଂଚ ଭାଗ ସ୍ଥାନ ସଂରକ୍ଷଣ ରହିଥିଲା । ହେଲେ ସରକାର ଏଥି ପ୍ରତି ଦୃଷ୍ଟି ନଦେବାରୁ ବାଲିଆପାଳ ଅଂଚଳ ର ୧୧ ଜଣ ମହିଳା ହାଇକୋର୍ଟ ର ଦ୍ୱାରସ୍ଥ ହେବା ପାରେ ହାଇକୋର୍ଟ କେସ ନମ୍ବର ଡବ୍ଲୁ ପି (ସି) ୧୭୩୬୯/୨୦୨୫ ମୂଳେ ହାଇକୋର୍ଟ ଏହର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ଙ୍କ ମିସ କେସ ନମ୍ବର ୧୩/୨୦୨୫ ମୂଳେ ବିଚାର କରି ଭୂମି ହୀନ ମହିଳାଙ୍କୁ ତହସିଲ ମାଧ୍ୟମରେ ତଦନ୍ତ କରି ୪ ଡିସିମିଲ ଜମୀ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଅନ୍ୟ ଅଂଚ ସୁବିଧା ବିଷୟ ରେ କୌଣଷି ନିଷ୍ପତି ଶୁଣାଇ ନ ଥିବରୁ ତାର ପ୍ରତିବାଦରେ ପୁଣି ଉଚ୍ଚ ନ୍ୟାୟାଳୟ ରେ ଆଶ୍ରୟ ନେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମର ମାହାପାତ୍ର, ସବୁଜ ପତ୍ରିକା ଧାରି ମାଆ କଳ୍ପନା ଦାସ, ମମତା ପାତ୍ର, ସୂଚନା ଅଧିକର ଆଇନ ବାଲିଆପାଳ ଶାଖାର ସଦସ୍ୟ କୋଷ ଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ ମୃତ୍ୟୁଞ୍ଜୟ ରାଉତ, ରବୀନ୍ଦ୍ର ବିଶ୍ୱାଳ, ସୁଧୀର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଚଣ୍ଡ, ଗୋପାଳ ମହାଳିକ, ଦେବେନ୍ଦ୍ର ଦାସ, ଗଙ୍ଗାଧର କାମିଲା , ସୁବୋଧ ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଲିଙ୍ଗରାଜ ମନ୍ଦିରରେ ଦେବ ଦମ୍ପତିଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର: ଲିଙ୍ଗରାଜ ମନ୍ଦିରରେ ଦେବ ଦମ୍ପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଶୀତଳ ଷଷ୍ଠୀ ଅବସରରେ କେଦାର ଗୌରୀ ମନ୍ଦିର ପରିସରରେ ପାରମ୍ପରିକ ବୈଦିକ ରୀତିନୀତି ଅନୁଯାୟୀ ପ୍ରଭୁ ଲିଙ୍ଗରାଜ ଓ ମାଆ ପାର୍ବତୀଙ୍କ ଦିବ୍ୟ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ପରେ ଦେବଦମ୍ପତି ନବଦମ୍ପତି ବେଶରେ ଭକ୍ତଙ୍କ ଦର୍ଶନ ଦେଇଥିଲେ । ବିଦାୟ ପୂର୍ବରୁ ପାରମ୍ପରିକ 'କନକାଞ୍ଜଳି' ନୀତି ପାଳନ କରାଯାଇଥିଲା । ଏହାପରେ ବିଳମ୍ବିତ ରାତିରେ ଦେବ ଦମ୍ପତି ବିମାନରେ ବିରାଜମାନ କରି ଭବ୍ୟ ଶୋଭାଯାତ୍ରାରେ ଲିଙ୍ଗରାଜ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ବାଦ୍ୟ, ବାଣ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ମଧ୍ୟରେ ଅନୁଷ୍ଠିତ ଏହି ପରିକ୍ରମା ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ବିଭିନ୍ନ ଅଂଚଳରୁ ଆସିଥିବା ଶ୍ରଦ୍ଧାଳୁ ଓ ସେବାୟତମାନେ ଉତ୍ସାହର ସହ ସାମିଲ ହୋଇଥିଲେ । ସମଗ୍ର ପରିବେଶ ଭକ୍ତି ଓ ଆଧ୍ୟାତ୍ମିକତାରେ ଉତ୍ସବମୁଖର ହୋଇ ଉଠିଥିଲା । ଲିଙ୍ଗରାଜ ମନ୍ଦିରରେ ପହଂଚିବା ପରେ ଦେବଦମ୍ପତିଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା । ପରେ ମନ୍ଦିରରେ ନିର୍ଦ୍ଧାରିତ ଗୁପ୍ତନୀତି ଓ ଅନ୍ୟାନ୍ୟ ଧାର୍ମିକ ପରମ୍ପରା ସମ୍ପନ୍ନ ହୋଇଥିଲା । ଦେବାଦିଦେବ ମହାଦେବ ଓ ମାଆ ପାର୍ବତୀଙ୍କ ଏହି ପବିତ୍ର ପରିକ୍ରମା ପ୍ରତ୍ୟାବର୍ତ୍ତନ କେବଳ ଏକ ଧାର୍ମିକ ନୀତି ନୁହେଁ ।

# ରାସନ ବୋଝେଇ ପିକଅପକୁ ଧକା ଦେଲା ଟ୍ରକ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକ ନିକଟରେ ଟ୍ରକ ଧକାରେ ଏକ ଗ୍ରୋସେରୀ ବୋଝେଇ ପିକଅପ ଭାଙ୍ଗିରୁଜି ଚୋରମାର ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଗ୍ରୋସେରୀ ସାମଗ୍ରୀ ନଷ୍ଟ ହୋଇଯାଇଛି । ସୂଚନା ଅନୁସାରେ ଆଜି ଅପରାହ୍ନରେ ଓଡି ୦୧ସି ୩୮୪୬ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନ ବାଲେଶ୍ୱରରୁ ଗ୍ରୋସେରୀ ସାମଗ୍ରୀ ବୋଝେଇ କରି ତୁଡିଗଡ଼ିଆ ଅଭିମୁଖେ ଯାଉଥିଲା । ମାଟିଆପଲ୍ଲା ଛକ ନିକଟରେ ପିକଅପ ଟି ତଳ ରାସ୍ତାକୁ ଖସୁଥିବା ବେଳେ ପଛରୁ ଝାଡଖଣ୍ଡ ରୁ ବିଜୟୱାଡା ଯାଉଥିବା ଏପି ୩୯ ଟିଟି ୧୫୬୯ ନମ୍ବର ବିଶିଷ୍ଟ ତାର ବୋଝେଇ ଟ୍ରକ ପିକଅପକୁ ଧକା ଦେଇଥିଲା । ଫଳରେ ପିକଅପ ଟି ଓଲଟି ପଡି ଭାଙ୍ଗିରୁଜି ଚୁରମାର ହୋଇ ଯାଇଥିବା ବେଳେ ପିକଅପରେ ଥିବା ରାସନ ସାମଗ୍ରୀ ନଷ୍ଟ ହୋଇଯାଇଥିଲା । କିନ୍ତୁ ସୌଭାଗ୍ୟ୍ବଶତ ପିକଅପ ଚାଳକ ଅଳ୍ପକେ ରକ୍ଷା ପାଇଯାଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ଦୁଇ ବର୍ଷ ପୂର୍ତିରେ ଜାତି-ଜନଜାତି ଜନ ସମ୍ପର୍କ କାର୍ଯ୍ୟକ୍ରମ



ଜଳେଶ୍ୱର(ନିପ୍ର): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଏକ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ଗୌରାଙ୍ଗ ଚରଣ ଘୋଷ ସଭାପତିତ୍ୱ କରି ସରକାରଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ମଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ମାନସ କୁମାର ଜେନା ଯୋଗଦେଇ ସରକାର ବିଭିନ୍ନ ଜାତି, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ଙ୍କ ଲାଗି ଥିବା ସରକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧରେ ସମିତି ସଦସ୍ୟ ଗଣେଶ ସୋରେନ, ହରିଶ ମହାଳିକ, ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟା ରାଣୀ ପାତ୍ର, ଜନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଅନୁପମ ସଜତ୍ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ କରିଥିଲେ । ସାହାପୁର ସଂସ୍କୃତ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଶଣ ହୋଇଥିଲା । ଏବିଡିଓ ସୁଧିର ସାହୁ ମଂଚ ଆହ୍ୱାନ କରିଥିଲେ ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ସାକ୍ଷାତ କଲା ବିଜେଡି ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର: ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶିତାମୂଳକ ଓ ଜନବିଶ୍ୱାସୀ କରିବା ଉଦେ୍ଦଶ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରିଛନ୍ତି । ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେଗୁଡିକ ହେଲା, ପ୍ରଥମତଃ, ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆପ୍ ମାଧ୍ୟମରେ ଗଣନା ଫର୍ମର ଡିଜିଟାଲ ନଥିକରଣ ସମ୍ପୂର୍ଣ୍ଣ ହେବା ପରେ ସମ୍ପୃକ୍ତ ଭୋଟରଙ୍କୁ ତୁରନ୍ତ ଏକ ସ୍ୱୀକୃତି ବାର୍ତା ପଠାଯିବାକୁ ବିଜେଡି ଅନୁରୋଧ କରିଥିଲା । ଏହା ଦ୍ୱାରା ଭୋଟରମାନେ ନିଜ ଫର୍ମ ସଫଳତାର ସହ ଗ୍ରହଣ ଏବଂ ନଥିଭୁକ୍ତ ହୋଇଥିବାର ନିଶ୍ଚିତତା ପାଇପାରିବେ, ଯାହା ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିବ । ଦ୍ୱିତୀୟତଃ, ଭୋଟର ତାଲିକା ସଂଶୋଧନ ସମୟରେ ଦାବି ଓ ଆପତି ପର୍ଯ୍ୟାୟରେ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ରାସନ କାର୍ଡକୁ ଅତିରିକ୍ତ ସୂଚକ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଥିଲା । ଏହା ଦ୍ୱାରା ଅଧିକ ସଂଖ୍ୟକ ଯୋଗ୍ୟ ଭୋଟର ନିଜର ପରିଚୟ ଓ ଯୋଗ୍ୟତା ସ୍ଥାପନ କରି ନିର୍ବାଚନୀ ଅଧିକାରର ସୁବିଧାଜନକ ପ୍ରୟୋଗ କରିପାରିବେ । ତୃତୀୟତଃ, ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ, ତ୍ୱରିତ ସମସ୍ୟା ସମାଧାନ ଏବଂ ସୁଚାରୁ ସମନ୍ୱୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ସ୍ୱତନ୍ତ୍ର ହ୍ୱାଟସ୍ଆପ୍ ଗୋଷ୍ଠୀ ଗଠନ କରିବାକୁ ବିଜେଡି ପ୍ରସ୍ତାବ ଦେଇଥିଲା । ବିଜେଡି ପ୍ରତିନିଧି ଦଳ ମତ ପ୍ରକାଶ କରିଥିଲେ ଯେ, ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ସହିତ ଭୋଟରମାନଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏହା ଅଧିକ ଦକ୍ଷ, ଅନ୍ତର୍ଭୁକ୍ତିମୂଳକ ଓ ସଫଳ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗଠନରେ ସହାୟକ ହେବ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ଉପସଭାପତି ଶ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତର) ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର, ସାଧାରଣ ସମ୍ପାଦକ ଶ୍ରୀ ବିଜୟ ନାୟକ, ମିଡିଆ ସେଲ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ଶ୍ରୀ ରବି ସାମଲ ସାମିଲ ଥିଲେ ।

No. 13001/939/2627

OFFICE OF THE MUNICIPAL COUNCIL, BALASORE.

Tel & Fax No. 06782-251222

e-mail:- balasoremunicipality@rediffmail.com

No. 4459 Date. 18.06.2026

2nd Corrigendum to Tender reference No. BM_08_2026_27 and Detail Tender Call Notice No. 4293 Dt. 06-06-2026

In partial modification of this office "e" Tender Notice No.4293 dt.06.06.2026, the following changes are made:-

1. For sl. No. 9 & 10 of Project the cost of tender paper mentioned as Rs 2,000/- in online portal but the actual Tender paper cost is Rs 4,000/-. So the differential amount of Rs 2,000/- will be paid through in shape of DD by the bidder in favour of Executive Officer, Balasore Municipality.

All other terms and conditions shall be remain unchanged.

Sd/-
Executive Officer
Balasore Municipality

OIPR. 13001/13154/1/26-27/0016

# ମାନ୍ୟବର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୋଇଲା-ରୁ-ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା(ନିପ୍ର): ଭାରତର ଶକ୍ତି ସୁରକ୍ଷା, ବୈଷୟିକ ଆତ୍ମନିର୍ଭର ଶୀଳତା ଏବଂ ମାତୃଭୂମିର କୋଇଲା ସମ୍ପଦର ସ୍ଥାୟୀ ବ୍ୟବହାର ହାସଲ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ୨୦ ଜୁନ୍ ୨୦୨୬ ଶନିବାର ଦିନ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁରଠାରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ର 'କୋଇଲା-ରୁ-ଆମୋନିୟମ୍ ନାଇଟ୍ରେଟ୍' ପ୍ରକଳ୍ପର ଭର୍ଚୁଆଲ୍ ମାଧ୍ୟମରେ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ସମାରୋହରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପତି, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ, ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡ଼ା, କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ସମେତ ସ୍ଥାନୀୟ ସାଂସଦ, ବିଧାୟକ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଏହି ଅବସରରେ କୋଇଲା ମନ୍ତ୍ରୀ ଶ୍ରୀ ରେଡ୍ଡୀ ଲଖନପୁର ପ୍ରକଳ୍ପ ସ୍ଥଳରେ ପ୍ରେସକୁ ସମ୍ବୋଧନ କରି ଏହି ଆଗାମୀ ପ୍ରକଳ୍ପ ପାଇଁ ଝାରସୁଗୁଡ଼ାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଭେଲ୍ (ଇଐରଖ) ମଧ୍ୟରେ ହୋଇଥିବା ଏହି ଯୌଥ ଉଦ୍ୟୋଗ ଦେଶରେ କୋଇଲା ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ । ଏହା ଦେଶୀୟ କୋଇଲା ଗ୍ୟାସୀକରଣ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବ ଏବଂ ଭାରତର ପ୍ରଚୁର କୋଇଲା ସମ୍ପଦକୁ ଉଚ୍ଚ ମୂଲ୍ୟଯୁକ୍ତ କେମିକାଲ୍ସରେ ପରିଣତ କରିବାରେ ସାହାଯ୍ୟ କରିବ । ଏହି ପ୍ରକଳ୍ପ ଆଂଚଳିକ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାର ସୃଷ୍ଟି କରିବ, ଦକ୍ଷତା ବିକାଶ ବଢ଼ାଇବ ଏବଂ ଆନୁଷଙ୍ଗିକ ଶିଳ୍ପ ଓ ସେବା କ୍ଷେତ୍ରର ବିକାଶ ମାଧ୍ୟମରେ ଆଂଚଳିକ ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ସେ ପ୍ରକାଶ କରିଛନ୍ତି । ହେଉଛି କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ମଧ୍ୟରେ ଗଠିତ ଏକ ଯୌଥ ଉଦ୍ୟୋଗ କମ୍ପାନୀ, ଯେଉଁଥିରେ ଉଓଖ ର ୫୧% ଏବଂ ୪୯% ସେୟାର୍ (ଇକ୍ୱିଟି) ରହିଛି । କୋଲ୍ ଇଣ୍ଡିଆର ଏକ ସହଯୋଗୀ କମ୍ପାନୀ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ , ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁରଠାରେ ପ୍ରାୟ ୩୫୦ ଏକର କୋଇଲା ଖଣି ଅଂଚଳର ଜମି ଯୋଗାଇ ଦେଇଛି, ଯେଉଁଠାରେ ଏହି ଇଉଏଉଖ ପ୍ରକଳ୍ପ ନିର୍ମାଣ କରାଯିବ । ଏହା ବ୍ୟତୀତ, ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା କୋଇଲା ଚାହିଦା ପୂରଣ କରିବାକୁ ଗଉଖ ତା'ର ଇବ୍ ଭ୍ୟାଲି ୱାସେରିରୁ ବାର୍ଷିକ ୦.୭୯ ମିଲିୟନ ଟନ୍ ଧୁଆ କୋଇଲା ଏବଂ ୧.୧୯ ମିଲିୟନ ଟନ୍ କୋଇଲା ବର୍ଜ୍ୟ ଯୋଗାଇ ଦେବ । ଭାରତ ସରକାରଙ୍କ 'ନ୍ୟାସନାଲ୍ କୋଲ୍ ଗ୍ୟାସିଫିକେସନ୍ ମିଶନ' ସହିତ ସମାନ୍ତରାଳ ଭାବେ କାର୍ଯ୍ୟ କରୁଥିବା ଏହି ପ୍ରକଳ୍ପ, ସାରା ଦେଶରେ ଭବିଷ୍ୟତର କୋଇଲା-ରୁ-କେମିକାଲ୍ସ ପ୍ରକଳ୍ପଗୁଡ଼ିକ ପାଇଁ ଏକ ଆଦର୍ଶ ମଡେଲ୍ ସାବ୍ୟସ୍ତ ହେବ । କୋଇଲା ଗ୍ୟାସୀକରଣ ମାଧ୍ୟମରେ ବାର୍ଷିକ ପ୍ରାୟ ୦.୬୬ ମିଲିୟନ ଟନ୍ 'ଟେକ୍ନିକାଲ୍ ଗ୍ରେଡ୍ ଆମୋନିୟମ୍ ନାଇଟ୍ରେଟ୍' ଉତ୍ପାଦନ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ଅଟେ । କେମିକାଲ୍ ଉତ୍ପାଦନ ପାଇଁ ଭାରତରେ ବିକଶିତ ହୋଇଥିବା 'ପ୍ରେସରାଇଜ୍ଡ ଫ୍ଲୁଇଡାଇଜ୍ଡ ବେଡ୍ ଗ୍ୟାସିଫିକେସନ୍' ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଥିବା ଏହା ଦେଶର ଅଗ୍ରଣୀ ବାଣିଜ୍ୟିକ ସ୍ତରର ପ୍ରୟାସଗୁଡ଼ିକ ମଧ୍ୟରୁ ଅନ୍ୟତମ । ୨୫,୦୦୦ କୋଟିରୁ ଅଧିକ ଟଙ୍କାର ଆନୁମାନିକ ପୁଞ୍ଜିନିବେଶରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ଓଡ଼ିଶା ସରକାରଙ୍କ ହାଇ-ଲେଭଲ୍ କ୍ଲିୟରାନ୍ସ ଅଥରିଟି ଦ୍ୱାରା 'ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ' ମିଳିସାରିଛି । ଏହା ସହିତ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ୧,୩୫୦ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଇଛି, ଯାହା ଦେଶୀୟ କୋଇଲା ଗ୍ୟାସୀକରଣ ପ୍ରଯୁକ୍ତିର ବାଣିଜ୍ୟିକରଣକୁ ଏକ ବଡ଼ ସଫଳତା ଦେବ ।

No. 13001/942/2627

OFFICE OF THE MUNICIPAL COUNCIL, BALASORE.

Tel & Fax No. 06782-251222

e-mail:- balasoremunicipality@rediffmail.com

No. 4461 Date. 18.06.2026

3rd Corrigendum to Tender reference No. BM_08_2026_27 and Detail Tender Call Notice No. 4293 Dt. 06-06-2026

In partial modification of this office "e" Tender Notice No. 4293 Dt.06.06.2026, the following changes are made:-

1. The tender condition in Sl. No.-24 is hereby dropped due to some unavoidable circumstances.
2. Last date and time of submission of BID document online :17.00 Hours of 28.06.2026
3. Date and Time of Opening of Technical Bid :11.00 Hours on 29.06.2026

All other terms and conditions shall be remain unchanged.

Sd/-
Executive Officer
Balasore Municipality

OIPR. 13001/13154/1/26-27/0017




(ବିଶ୍ୱ ପିତୃ ଦିବସ ଉପଲକ୍ଷେ)

# ବାପାଙ୍କ ପାଇଁ...

◆ ସ୍ମିତାରାଣୀ ଦାସ

*"ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପଃ" । ପିତରି ପ୍ରିତମାପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତା ।'*

ସଂସାରରେ ଆମେ ଭୂମିଷ୍ଠ ହେବାରେ ସହାୟକ ହୋଇଥାଆନ୍ତି ପ୍ରଥମେ ବାପା । ବାପାଙ୍କ ଯୋଗୁଁ ପିଲାଟି ମାଆ ଗର୍ଭରୁ ଆସି ପୃଥିବୀ ସ୍ପର୍ଶ କରେ । ସୂର୍ଯ୍ୟଙ୍କ ପହିଲି କିରଣ ତା' ଉପରେ ପଡ଼େ । ଅଗ୍ନିଦେବତାଙ୍କ ଏନ୍ତୁଡ଼ି ଶାଳରୁ ବାହାରୁଥିବା ନିଆଁ ପ୍ରଥମେ ତା' ଦେହ ସ୍ପର୍ଶ କରେ । ପୁନଶ୍ଚ ପ୍ରଥମ ଶବ୍ଦ ମାଆ' ନାମକୁ ହିଁ ଉଚ୍ଚାରଣ କରୁ । ପିଲାଟି ଯେତିକି ଯେତିକି ବଡ଼ ହୁଏ ବାପାଙ୍କ ସ୍ନେହ ଶ୍ରଦ୍ଧା ସହ ଲାଳନ ପାଳନ ଦାୟିତ୍ୱ ବଢ଼ିଯାଏ । ବାହାର ଦୁନିଆରେ ବଂଚିବାର ରୀତିନୀତି ପିଲାଟି ଶିଖିଥାଏ ବାପାଙ୍କ ଠାରୁ, ବାପା ହାତଧରି ଖଡିରେ ଯେତେବେଳେ ଲେଖି ଦିଅନ୍ତି ଭବିଷ୍ୟତ ଜୀବନରେ ବଂଚିବା ପାଇଁ ରାହା । ଆମେ ଭଗବାନ ବୋଲି ଯାହାଙ୍କୁ ପ୍ରଥମେ ସମ୍ବୋଧନ କରୁ ସେହିଁ ଜୀବନ୍ତ ନିଜର ପିତା । ତାଙ୍କରି ଆଶିର୍ବାଦରେ ପିଲାଟି ବଡ଼ ହୋଇ ସଂସାରର ନାଁ ରଖେ । ପ୍ରତ୍ୟେକ ମହାପୁରୁଷ ମାନଙ୍କ ଜୀବନ ଦର୍ଶନକୁ ଆମେ ଯଦି ନିରେଖିବା ତାହାଲେ ବାପାଙ୍କର ଅବଦାନକୁ ଆମେ ପରଖି ନେବା । ଦୁନିଆରେ ସମସ୍ତ ପିତା ତାଙ୍କ ସନ୍ତାନ ମାନଙ୍କୁ ତାଙ୍କ ଠାରୁ ଉପରେ ରହି ଗର୍ବ ଆଣିବ ବୋଲି ଚାହିଁ ଥାଆନ୍ତି । ବାପାଙ୍କ ନିଃସ୍ୱାର୍ଥପର ଭଲ ପାଇବାରେ ହିଁ ପିଲାମାନେ ଏ ଦୁନିଆରେ ଜଣେ ଦାୟିତ୍ୱବାନ୍ ବ୍ୟକ୍ତି ଭାବେ ନିଜକୁ ପ୍ରତିଷ୍ଠିତ କରିଥାଆନ୍ତି । ବାପା ଶବ୍ଦଟି ଏପରି ମଧୁରମୟ ଅନ୍ୟ ସବୁ କିଛି ଫିକା ପଡ଼ିଯାଏ । ସନ୍ତାନର ଯଦି କେହି ନିଜର ବୋଲି ଥାଏ ତାହାଲେ ସେ ହେଉଛନ୍ତି ବାପା- ମାଆ । କରୋନା ମହାମାରୀ କରାଳର ଭୟାବହତା ମଧ୍ୟରେ ଯେଉଁ ଶିଶୁମାନେ ପିତୃହରା ହୋଇ ଯାଇଛନ୍ତି ସେମାନଙ୍କୁ ଦେଖିଲେ ବିକଳ ଲାଗେ ଯେ, ଭଗବାନଙ୍କ ପ୍ରତି ମଧ୍ୟ ବିଶ୍ୱାସ ତୁଟି ଯାଏ । ଛୋଟ ଛୋଟ ପିଲାମାନେ ବାପାଙ୍କ ଅବହେଳାରୁ ଦୁନିଆରେ କେମିତି ବଂଚିବେ ସେଥିପ୍ରତି କଣ ଭଗବାନଙ୍କର ଦୃଷ୍ଟି ନାହିଁ ବୋଲି ଆମ ସମସ୍ତଙ୍କର ଯୁକ୍ତି ଆସେ । ପରିବାରରେ ଯେତେ ଯିଏ ଥାଉନା କାହିଁକି ବାପା- ମାଆ ହିଁ ସର୍ବଶ୍ରେଷ୍ଠ । ବାପା ଖାଦ୍ୟ ଆଣି ମାଆଙ୍କ ମାଧ୍ୟମରେ ପିଲାଙ୍କ ମୁହଁରେ ଦିଅନ୍ତି । ଶିକ୍ଷଣୀୟ ଉପଦେଶମାନ ଆଧାରରେ ପିଲାଙ୍କ ଭବିଷ୍ୟତ ଯେପରି ସୁଖରେ ବିତିବ ସେଥିପ୍ରତି ଦୃଷ୍ଟି ଦିଅନ୍ତି । ବାପା ହିଁ ଦୁନିଆ ପାଇଁ ଏକ ଜ୍ୱଳନ୍ତ ଏବଂ ଜୀବନ୍ତ ଭଗବାନ । ତାଙ୍କରି ଆର୍ଶିବାଦରେ ପିଲାମାନେ ସୁ ମଣିଷ ହୋଇଥାଆନ୍ତି । କିନ୍ତୁ ବର୍ତମାନ ଅଧିକାଂଶ ପିଲାମାନେ ବାପା -ମାଆଙ୍କୁ ପଚାରୁ ନାହାଁନ୍ତି ଏବଂ ବାର୍ଦ୍ଧକ୍ୟରେ ତାଙ୍କ ପ୍ରତି କ୍ରୁର ଆଚରଣ କରିଥାଆନ୍ତି । ଏହା ସୁସଂଗତ ନୁହଁ । ମୋ ବାପା ମଧ୍ୟ ମୋ ପାଇଁ ଜୀବନ୍ତ ଭଗବାନ । ତାଙ୍କରି ଆଶିର୍ବାଦ, ଭଲ ପାଇବାର ସମ୍ବଳକୁ ନେଇ ମୁଁ ବୋଧହୁଏ ଦୁନିଆ ଦାଣ୍ଡରେ ଦୁଃଖକଷ୍ଟ ଭିତରେ ସୁରୁଖୁରୁରେ ଜୀବନଧାରଣ କରିପାରୁଛି । ମୋ ବାପା ଆମ ମାନଙ୍କ ପାଇଁ ନିଜ ସ୍ୱାର୍ଥକୁ ନଚାହିଁ ସବୁ କିଛି ଆମ ପାଇଁ କରୁଛନ୍ତି । ବାର୍ଦ୍ଧକ୍ୟ ଅବସ୍ଥାରେ ଉପନିତ ହୋଇ ମଧ୍ୟ ଆଜି ବି ଆମ ମାନଙ୍କର ଭଣ-ମନ୍ଦ, ଖାଇବା- ପିଇବା ଉପରେ ପଚାରି ବୁଝନ୍ତି ଏବଂ ଧ୍ୟାନ ମଧ୍ୟ ଦେଉଛନ୍ତି । ତେଣୁ ଦୁନିଆ ଦାଣ୍ଡରେ ଯଦି କେହି ଆପଣାର ଥାଏ ତାହାଲେ ସିଏ ଆମ ବାପା । ମୋ ଭାବନାରେ କେବଳ ଭଗବାନଙ୍କ ସ୍ଥାନ ନିଅନ୍ତି ମୋ ବାପା । ପ୍ରତ୍ୟେକ ସନ୍ତାନ ତାଙ୍କ ବାପା ମାନଙ୍କୁ ଭଲ ପାଆନ୍ତୁ ଏବଂ ଆଶିର୍ବାଦ ନିଅନ୍ତୁ ତାହାଲେ ଜୀବନରେ ସୁଖି ହୋଇ ରହି ପାରିବେ । ଏହି ପବିତ୍ର ପିତୃ ଦିବସ ଉପଲକ୍ଷେ ସମସ୍ତ ପିତା ମାନଙ୍କୁ ଆମର ଶତକୋଟି ପ୍ରଣାମ ।

*ଗୋପାଳଗାଁ, ବାଲେଶ୍ୱର-୯୮୫୩୯୬୩୭୫୧*

# ବିଶ୍ୱ ପିତୃ ଦିବସର ଅନୁଚିନ୍ତା

◆ ବାଦଲ ଭୂୟାଁ

ପିତା ଧର୍ମ, ପିତା ସ୍ୱର୍ଗଃ, ପିତାହିଁ ପରମ ତପଃ । ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବ ଦେବତାଃ । ଅର୍ଥାତ୍ ପିତା ହେଉଛନ୍ତି ଧର୍ମ, ପିତା ହେଉଛନ୍ତି ସ୍ୱର୍ଗ ଏବଂ ପିତାଙ୍କୁ ସନ୍ତୁଷ୍ଟ କଲେ ସମସ୍ତ ଦେବୀଦେବତାମାନେ ସନ୍ତୁଷ୍ଟ ହୁଅନ୍ତି । ଏ ଦେଶ ହେଉଛି ମୁନିଋଷିଙ୍କ ଦେଶ । ସେମାନେ ନିଜର ଦୂରଦୃଷ୍ଟି ବଳରେ ରଚନା କରିଯାଇଛନ୍ତି ମହାନ ଗ୍ରନ୍ଥ ସବୁ । ଯାହାକୁ ଅଧ୍ୟୟନ କରି କାର୍ଯ୍ୟରେ ଲଗାଇଲେ ସମାଜ ହୁଏ ସୃଙ୍ଖଳିତ ଓ ଶାନ୍ତିପ୍ରଦ । ମଣିଷ ଜୀବନ ହୁଏ ସଫଳ ଓ ସାକାର । ବିଶ୍ୱ ପିତୃ ଦିବସ ୧୯୧୦ ମସିହାରୁ ପ୍ରତ୍ୟେକ ବର୍ଷ ଜୁନ୍ ମାସର ୩ୟ ରବିବାର ଦିନ ପାଳନ କରାଯାଇ ଆସୁଛି । ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, କାନାଡା, ଭାରତବର୍ଷ ପ୍ରଭୃତି ଅନେକ ଦେଶରେ ଚଳିତବର୍ଷ ଜୁନ ୧୯ ତାରିଖରେ ପାଳନ କରାଯିବ । ଉଦ୍ଦେଶ୍ୟ ପିତାଙ୍କ ପ୍ରତି ପୁତ୍ରର ଦାୟିତ୍ୱ ଓ କର୍ତବ୍ୟ ବିଷୟରେ ସଚେତନ ଓ ସ୍ମରଣ କରାଇବା । ଆଜି ଯିଏ ପୁତ୍ର କାଲି ସେ ପିତା ହୋଇଥାଏ । ଆଜି ଯଦି ପୁତ୍ର ତାର ପିତାଙ୍କ ପ୍ରତି ସମୁଚିତ କର୍ତବ୍ୟ ନ କରେ, ତେବେ ସେ ତା'ର ପୁତ୍ରଠାରୁ ସେହିଭଳି ଆଚରଣ ପାଇବା ପାଇଁ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ । ଏ କଥା ବେଳ ଥାଉଁ ଥାଉଁ ବୁଝିଗଲେ ଜୀବନ ଅମୃତମୟ ହୋଇଯାଏ । ନ ବୁଝିଲେ ସମୟ କେବେ ତାକୁ କ୍ଷମା କରେ ନାହିଁ । କୋଳକୁ ସନ୍ତାନଟିଏ ପାଇଁ ବାପ-ମାଆ ବାର ବ୍ରତ ତେର ଓଷା କରନ୍ତି । ସନ୍ତାନଟିଏ କୋଳକୁ ଆସିଲେ ତାର ଲାଳନ ପାଳନରେ ନିଜକୁ ସମର୍ପି ଦିଅନ୍ତି । ପେଟରୁ କାଟି ମୁହଁରେ ଆହାର ଦିଅନ୍ତି । ତା ଅଳି ଅଝଟ ହସି ହସି ସହନ୍ତି । ଛୁଆ ମୁହଁରେ ହସ ଦେବା ପାଇଁ ନିଜ ଜୀବନର ସବୁ ସୁଖକୁ ଜଳାଞ୍ଜଳି ଦେଇ ଦିଅନ୍ତି । ପୁଅ ବଡ ହେବ, ଉଚ୍ଚ ଶିକ୍ଷିତ ହେବ, ବୃଦ୍ଧକାଳେ ସାହାରା ହେବ । କିନ୍ତୁ ବାପା-ମାଆ ଙ୍କ ସବୁ ଆଶା ପାଣି ଫୋଟକା ପରି ମିଳାଇ ଯାଏ ଯେତେବେଳେ ସନ୍ତାନଟି ବାହା ହେବା ପରେ ଜନ୍ମଦାତା ପିତାମାତାଙ୍କୁ ହାତାଦର କରେ । ଏକ କ୍ଷୁଦ୍ରଗଳ୍ପ ଯାହା ଆମ ସମୟରେ ପାଠ୍ୟଖସଡାରେ ଥିଲା ତାହା ହେଲା କଥା ସମ୍ରାଟ ବ୍ୟାସକବି ଫକିର ମୋହନଙ୍କ 'ଡାକମୁନ୍‌ସୀ' । ଡାକ ପିଅନ ହରି ସିଂ ତାର ସ୍ୱଳ୍ପ ଦରମାରେ ପୁଅ ଗୋପାଳକୁ ଇଂରାଜୀ ପଢାଇ ହାକିମ କରାଇବ ଦିନ ରାତି ନିଦ ନ ଥାଏ । ପତ୍ନୀ ଚାଲିଯିବା ପରେ ହରି ସିଂ ପୁଅ ଗୋପାଳକୁ ମଫସଲରୁ ଆଣି ତା ନିଜ ପାଖରେ ରଖି ମାଇନର ପାଠ ପଢାଇଛି । ଗୋପାଳ କିପରି ହାକିମ ଚାକିରି ପାଇବ ପାଂଚ ଲୋକରେ ଜଣେ ହେବ ଭଲରେ ଖାଇ ଭଲରେ ଚଳିବ ସେହି ଚିନ୍ତାରେ ବୁଢାକୁ ନିଦ ନ ଥାଏ । ହରି ସିଂ ର ଅବସର ସମୟ ହୋଇ ଗଲାଣି । ସେ ତାର ଅଫିସ୍‌ର ଇଂରେଜୀ ସାହେବଙ୍କୁ ବହୁ କାକୁତି ମିନତି ହୋଇ ଗୋପାଳ ବିଷୟରେ ଖଣ୍ଡେ ଚାକିରି କରେଇ ଦେବାକୁ କହି ବିନତୀ କରିଛି । ଗୋପାଳ ର ଚାକିରି ହୋଇଗଲେ ତା'ର ଦୁଃଖ ଯିବ । ସାହେବ ହରି ସିଂ ର ସଙ୍କୋଚ ପଣିଆ ଓ ଦୁଃଖ ଦେଖି ଗୋପାଳ ପାଇଁ ଚାକିରି ର ବ୍ୟବସ୍ଥା କରାଇ ଦେଇଛନ୍ତି । ପୁତ୍ର ଗୋପାଳ ହାକିମ ଚାକିରି ପାଇବା ପରେ ତା'ର ଚାଲିଚଳନରେ ପରିବର୍ତନ ହୋଇଛି, ନିଜ ଇଚ୍ଛାରେ ବିବାହ କରିଛି । ଦେହରେ କୁର୍ତା ନ ଥିବା, ମଇଳା ଲୁଗା ପିନ୍ଧି ଅଫିସ୍ ର ସହକର୍ମୀ ଓ ଦାମୀ ପୋଷାକ ପିନ୍ଧା ମହିଳାଙ୍କ ଆଗରେ ଯାତାୟତ ପୁତ୍ର ଗୋପାଳକୁ ବୃଦ୍ଧ ପିତାଙ୍କର ଏପରି କାର୍ଯ୍ୟକଳାପ ପାଇଁ ଲଜ୍ଜା ଲାଗିଛି । ନିଦ୍ରାରେ ବ୍ୟାଘାତ ହେଉଛି ବୋଲି ପିଅନକୁ ଡାକି ଖୁଁ ଖୁଁ କାଶୁ ଥିବା ବୁଢାଟାକୁ କିଆବୁଦା ଉପରେ ପକାଇ ଦେବାକୁ ଆଦେଶ ଦେଇଛି । ମାତ୍ର ପିଅନ ହେଲେ ବି ସେ ଜଣେ ମଣିଷ, ଜଣେ ଅସୁସ୍ଥ ବୃଦ୍ଧଙ୍କ ପ୍ରତି ସେ ଏପରି ଅନ୍ୟାୟ କରି ପାରିବ ନାହିଁ । ଶେଷରେ ପୁତ୍ର ଗୋପାଳ ଇଂରାଜୀ ଘୁଷି ମାରି ବୃଦ୍ଧ ପିତା ହରି ସିଂଙ୍କୁ ଘରୁ ବାହାର କରିଦେଇଛନ୍ତି । ସମାଜରେ ଶିକ୍ଷିତ ହୋଇ ପ୍ରତିଷ୍ଠିତ ହେବାପରେ ନିଜର ସୁଖ ସ୍ୱାଛନ୍ଦ୍ୟକୁ ପ୍ରାଧାନ୍ୟ ଦେଇ କିପରି ପିତା ପୁତ୍ରର ସଂପର୍କ ବିଗିଡି ଯାଉଛି ଲେଖକ ତାହାର ଜ୍ୱଳନ୍ତ ଉଦାହରଣ ତାଙ୍କ ଲେଖନୀ ମୁନରେ ସ୍ଥାନ ଦେଇଛନ୍ତି । ଆମ ପୁରାଣ କହନ୍ତି, ସେ ଦିନ ପିତା ଜମଦଗ୍ନୀଙ୍କ ଆଦେଶରେ ପୁତ୍ର ପର୍ଶୁରାମ ବିନା ପ୍ରଶ୍ନରେ ମାତା ରେଣୁକାଙ୍କର ଶିର ଛେଦନ କରିଥିଲେ । ପିତାମାତାଙ୍କୁ ସୁଖଦେବା ପାଇଁ ଅନ୍ଧ ପିତାମାତାଙ୍କୁ କାନ୍ଧରେ ଭାର କରି ତୀର୍ଥକ୍ଷେତ୍ର ବୁଲାଇବାକୁ ନେଉଥିଲେ । ପିତାଙ୍କ ସତ୍ୟ ରକ୍ଷା କରିବାକୁ ଯାଇ ଅଯୋଧ୍ୟାର ରାଜ ସିଂହାସନ ତ୍ୟାଗ କରି ପ୍ରଭୁ ରାମଚନ୍ଦ୍ର ୧୪ ବର୍ଷ ବନବାସ କରିଥିଲେ । ପିତାଙ୍କର ସୁଖ ପାଇଁ ଦେବବ୍ରତ ଭୀଷ୍ମପ୍ରତିଜ୍ଞା କରି ଆଜୀବନ ବ୍ରହ୍ମଚାରୀ ହୋଇଥିଲେ । ଯକ୍ଷପ୍ରଶ୍ନର ଉତର ଦେଇ ଯୁଧିଷ୍ଠିର କହିଥିଲେ ପିତା ହେଉଛନ୍ତି ଆକାଶ ଠାରୁ ବଡ । ଶାସ୍ତ୍ରରେ ଅଛି କୌଣସି ପୁରୁଷଙ୍କୁ ତିନୋଟି ଋଣ ନ ସୁଝି ମରିବା ଉଚିତ୍ ନୁହେଁ । ତିନି ଋଣ ହେଲା, ଦେବଋଣ, ଋଷି ଋଣ ଓ ପିତୃଋଣ । ଦେବ ଋଣ ଦାନ ଦ୍ୱାରା, ଋଷି ଋଣ ଜ୍ଞାନ ଦ୍ୱାରା ଓ ପିତୃ ଋଣ ସନ୍ତାନ ଦ୍ୱାରା ସଂପାଦନ ହୋଇଥାଏ । ପୁତ୍ରାର୍ଥେ କ୍ରୀୟତେ ଭାର୍ଯ୍ୟା । ପିତୃ ପୁରୁଷମାନେ ପୁତ୍ର ଦ୍ୱାରା ଦିଆଯାଉଥିବା ଶ୍ରାଦ୍ଧ ଦ୍ୱାରା ପୁତ୍ ନାମକ ନର୍କରୁ ଉଦ୍ଧାର ପାଇ ଥାଆନ୍ତି । ଭାଦ୍ରପୂର୍ଣ୍ଣିମାଠାରୁ ଆଶ୍ୱିନମାସ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ସମୟକୁ ପିତୃପକ୍ଷ କୁହାଯାଏ । ଏହାକୁ ମହାଳୟା ବୋଲି କହୁଯାଏ । ଆମଦେଶରେ ମହାଳୟା ପିତୃ ଶ୍ରାଦ୍ଧ ଓ ତର୍ପଣ ଆଦି ବହୁ ପୁରାତନ କାଳରୁ ପ୍ରଚଳିତ । ମହାଭାରତରେ ମହାଦାନୀ କର୍ଣ୍ଣ ପିତୃପକ୍ଷ



ପାଳନ କରି ନ ଥିବାରୁ ତାଙ୍କ ପାଇଁ ଯମ ଦ୍ୱାର ବନ୍ଦ ହୋଇ ଯାଇଥିଲା । ସେଥିପାଇଁ ତାଙ୍କୁ ମର୍ତ୍ୟକୁ ଫେରିବାକୁ ପଡିଥିଲା । ସେ ମର୍ତ୍ୟଲୋକକୁ ଫେରି ପିତୃପକ୍ଷ ପାଳନ କରିବା ପରେ ଯମଲୋକୁ ଫେରିଥିଲେ । ମୃତ୍ୟୁପରେ ମନୁଷ୍ୟ ଯେତେବେଳେ ତାର ଶରୀର ତ୍ୟାଗ କରେ ସେତେବେଳେ ତାର ଆତ୍ମା ପ୍ରେତ ଯୋନିରେ ପ୍ରବେଶ କରେ । ମୃତ୍ୟୁପରଠାରୁ ୧୨ଦିନ ପର୍ଯ୍ୟନ୍ତ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଶ୍ରଦ୍ଧାଯୁକ୍ତ ଶ୍ରାଦ୍ଧ ଓ ପିଣ୍ଡଦାନ କରାଗଲେ ସେ ପିତୃଲୋକରେ ପ୍ରବେଶ କରେ । ବ୍ରହ୍ମପୁରାଣରେ ଲେଖା ଅଛି ଯେ ଆଶ୍ୱିନମାସର କୃଷ୍ଣପକ୍ଷରେ ଯମରାଜ ସମସ୍ତ ପିତରମାଙ୍କୁ ୧୫ ଦିନ ପାଇଁ ମୁକ୍ତି ପ୍ରଦାନ କରିଥାଆନ୍ତି ଯାହାଦ୍ୱାରା ସେମାନେ ନିଜ ସନ୍ତାନ ମାନଙ୍କ ଠାରୁ ପିଣ୍ଡଦାନ ପାଇଁ ଧରାପୃଷ୍ଠକୁ ଆସିପାରିବେ । କର୍ମପୁରାଣରେ କୁହାଯାଇଛି ଯେ ଏହି ୧୫ଦିନ ମଧ୍ୟରେ ଯଦି ପିତୃପୁରୁଷଙ୍କୁ ତର୍ପଣ ଶ୍ରାଦ୍ଧ ନ କରାଯାଏ ତେବେ ସେମାନେ ନିରାଶ ହୋଇ ପୁଣି ପିତୃଲୋକକୁ ଫେରିଯାଆନ୍ତି । ପିତୃପକ୍ଷରେ ୧୫ଦିନ ନିଜର ପିତୃପୁରୁଷଙ୍କୁ ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ତର୍ପଣ ଶ୍ରାଦ୍ଧରେ ପିତୃପୁରୁଷ ଖୁସି ହୋଇଥାଅନ୍ତି ଓ ତାଙ୍କ କୃପାରୁ ପୁତ୍ରର ସୁଖ-ସମୃଦ୍ଧି ଲାଭ ହୁଏ । ସନାତନ ସଂସ୍କୃତିରେ ପିତାଙ୍କୁ ସମାଜରେ ସର୍ବୋଚ ସ୍ଥାନ ଦିଆଯାଇଛି । ପିତୃଦେବୋଃ ଭବଃ । ପିତାଙ୍କୁ ଦେବତା କୁହାଯାଇଛି । କୌଣସି ପିତା କେବେ ଚାହାଁନ୍ତି ନାହିଁ ସେମାନଙ୍କର ସନ୍ତାନ ବିପଥଗାମୀ ହେଉ । ମାତ୍ର ବର୍ତମାନ ସମ୍ବାଦପତ୍ର ପୃଷ୍ଠା ଖୋଲିଲେ ଆପଣ ଦେଖିବାକୁ ପାଇବେ ବୃଦ୍ଧ ପିତାମାତାଙ୍କର କରୁଣ କାହାଣୀ । କେଉଁଠି ଭାଇଭାଇ ମଧ୍ୟରେ ବିବାଦ ଲାଗି ବୃଦ୍ଧପିତା ମାତାଙ୍କୁ ଭାଗ କଲେଣି ତ କେଉଁଠି ଧନ ବା ଜମି ପାଇଁ ବୃଦ୍ଧ ପିତାଙ୍କୁ ଟାଙ୍ଗିଆରେ ହାଣି ଜୀବନରୁ ସଫା କରିଦେଲେଣି । ଏହା କେବଳ ଅଶିକ୍ଷିତ ସମାଜ ନୁହେଁ ବରଂ ଶିକ୍ଷିତ ସମାଜରେ ଅଧିକ ଦେଖିବାକୁ ମିଳୁଛି । ଶିକ୍ଷିତ ସମାଜରେ ବୃଦ୍ଧ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡି ଦେଇ ନିଜର କର୍ତବ୍ୟ ସଂପାଦାନ କରୁଛନ୍ତି । ବର୍ତମାନ ପାଠ୍ୟ ଖସଡାରେ ଆଉ ସେମିତି ହୃଦୟକୁ ଛୁଇଁଲା ଭଳି ପାଠ ପଢାଯାଉ ନାହିଁ । ଇଂରାଜୀ ପାଠ ପଢାଇ ବିଦେଶରେ ଚାକିରି କରି ବିପୁଳ ଅର୍ଥ ଉପାର୍ଜନ କରିବାପାଇଁ ପଠାଇ ଦେଉଛୁ । କାରଣ ଆମେ ଶିକ୍ଷିତ ହୋଇ ଜାଣିଲେଣି ଅର୍ଥ ଦ୍ୱାରା ସବୁକିଛି ଆହରଣ କରାଯାଇ ପାରିବ । ପିଲାଙ୍କୁ ଟଙ୍କା ରୋଜଗାର ମେସିନ କରିବା ପାଇଁ ସମସ୍ତେ ତତ୍‌ପର । ପିଲା ବିଦେଶରେ ନିଜ ପସନ୍ଦର ବିଦେଶିନୀ ବିବାହ କରି ବିଦେଶୀ ସଂସ୍କୃତିରେ ଚଳିବାକୁ ଉଚିତ୍ ମଣୁଛି । କେତେକ ମାତୃଭମୀ, ପିତାମାତାଙ୍କୁ ଭୁଲି ସଂସାର ଭିତରେ ବୁଡି ବିଦେଶରେ ରହିଯାଉଛନ୍ତି । ସଂସ୍କୃତି ସଂସ୍କାର ସମ୍ବନ୍ଧରେ ପିଲାଙ୍କୁ ଶିକ୍ଷାପ୍ରଦାନ କରାଯାଉ ନାହିଁ । କିପରି ଭଲ ରୋଜଗାର କରି ବିଳାସ ବ୍ୟସନ ସାମଗ୍ରୀ କିଣି ବସ୍ତୁବାଦୀ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିବେ ଆମେ ସେ ଦିଗରେ ସତତ ଚେଷ୍ଟିତ । ଗୁରୁକୁଳ ସଂସ୍କୃତିକୁ ଭୁଲି ଇଂରାଜୀ ଢାଂଚାରେ ପିଲାଙ୍କୁ ପାଠ ପଢାଇ ହାକିମ କରିବାର ଇଛା ଆମକୁ ଆଣି ଏହିଠାରେ ଦଣ୍ଡାୟମାନ କରିଛି । ପିଲାମାନେ ମାଟି ପିତୁଳା, ସେମାନଙ୍କୁ ଯେପରି ଶିକ୍ଷାଦାନ କରାଯିବ ସେମାନେ ସେପରି ହେବେ । ଆମେ ପିଲାଙ୍କୁ ଶିକ୍ଷିତ କରିଛୁ ସତ୍ୟ ମାତ୍ର ସଂସ୍କୃତି ସଂପର୍ଣ୍ଣ କରିପାରି ନାହୁଁ । ପିଲାଙ୍କୁ ବଡ ମଣିଷ କରିଛୁ ସତ୍ୟ କିନ୍ତୁ ଭଲ ମଣିଷ କରିପାରିନାହୁଁ । ଯାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି । ତେଣୁ ବେଳ ଥାଉଁ ଥାଉଁ ବନ୍ଧନ ନ ବାନ୍ଧିଲେ, ବିଚାର ବିଗିଡି ଯିବ ।

*ସଦସ୍ୟ, ସାରଳା ଦାସ ସ୍ମୃତି ସଂସଦ, ଓଡିଶା, ଭୁବନେଶ୍ୱର*
*ମୋ-୯୪୩୮୫୫୫୭୭୦*

# "ବାପା"

"ମାତୃ ଦେବ ଭବ, ପିତୃ ଦେବ ଭବ, ଆଚାର୍ଯ୍ୟ ଦେବ ଭବ,ଅତିଥି ଦେବ ଭବ " । ପିଲା ବେଳ ରୁ ଆମ ବାପା ମାଙ୍କ ଦ୍ୱାରା ଆମ କୁ କୁହାଯାଇଛି କି ମା ଙ୍କୁ ଦେବତୁଲ୍ୟ ମନେ କରିବ । ପିତା ବା ବାପା ଙ୍କୁ ଦେବତୁଲ୍ୟ ମନେ କରିବ ଆଚାର୍ଯ୍ୟ ବା ଗୁରୁଙ୍କୁ ମଧ୍ୟ ଦେବତୁଲ୍ୟ ମନେ କରିବ ଏବଂ ଅତିଥିଙ୍କୁ ମଧ୍ୟ ଦେବତୁଲ୍ୟ ମନେ କରି ଆଦର ସତ୍କାର କରିବ । ଏହାର ଅର୍ଥ ହେଲା ଏହି ସମସ୍ତ ଲୋକ ସମ୍ମାନ ର ଯୋଗ୍ୟ । ପିତୃ ଦିବସ ଜୁନ ମାସ ର ତୃତୀୟ ରବିବାର ରେ ପାଳନ କରାଯାଇଥାଏ । ପିତୃ ଦିବସ ୧୧୧ ଟି ଦେଶ ରେ ପାଳନ କରାଯାଏ । ପିତା ବା ବାପା ଆମ ପାଇଁ ଅତିପ୍ରିୟ ମଣିଷ ଟିଏ । ଘରେ ବାପା ନଥିଲେ ଘର ଭିତରଟା ଶୂନ୍ୟତା ରେ ଭରିଯାଏ । ବାପା ପ୍ରେରଣା ର ଉତ୍ସ । ଆମ ସମାଜ ପିତୃ କୈନ୍ଦ୍ରିକ । ପିତା ବା ବାପା ଙ୍କ ନାମ କୁ ନେଇ ଆମେ ସମାଜ ରେ ପରିଚିତ ହୋଇଥାଉ । ଆମ ର କାର୍ଯ୍ୟ ଶୈଳୀ ଲାଗି ବାପାଙ୍କ ନାମରେ ଯେପରି କଳଙ୍କ ନ ଲାଗୁ ସେଥିପାଇଁ ନିଷ୍ଠିତ ଭାବରେ ଆମେ ସତର୍କ ହୋଇଥାଉ । ମା ଓ ବାପା ଦୁଇଜଣ କୁ କେନ୍ଦ୍ର କରି ଆମ ପରିବାର । ମା ଙ୍କ ସହିତ ସମଗ୍ର ଦୁନିଆରେ କୌଣସି ବ୍ୟକ୍ତି ତୁଳନୀୟ ନୁହେ । ସେମିତି ବାପାଙ୍କ ସହିତ ମଧ୍ୟ ଦୁନିଆ ରେ କୌଣସି ବ୍ୟକ୍ତି ତୁଳନୀୟ ନୁହେ । ଆମ ସମାଜ ରେ କେଉଁ ଆଦିମ କାଳ ରୁ ବାପାଙ୍କୁ ପ୍ରାଧାନ୍ୟତା ଦିଆ ଚାଲିଛି । ପ୍ରଭୁ ଶ୍ରୀ ରାମ ପିତା ଦଶରଥ ଙ୍କ ସତ୍ୟ ରକ୍ଷା କରିବା ପାଇଁ ଚଉଦ ବର୍ଷ ବନବାସ କୁ ସ୍ୱୀକାର କରିଥିଲେ । ଭଗବାନ ଙ୍କ ଅନ୍ୟ ଏକ ଅବତାର ପର୍ଶୁରାମ ପିତା ଜମଦଗ୍ନୀଙ୍କ କ୍ରୋଧ କୁ ଦେଖି ପିତୃ ଆଦେଶ




ରେ ମାତା ରେଣୁକା ଙ୍କ ହତ୍ୟା କରିଥିଲେ । କିନ୍ତୁ ପିତା ଜମଦଗ୍ନୀ ଯେତେବେଳେ ଶାନ୍ତ ହେଲେ ଏବଂ ପର୍ଶୁରାମ ଙ୍କୁ ବର ମାଗିବା ପାଇଁ କହିଲେ ସେତେବେଳେ ପର୍ଶୁରାମ ମା ରେଣୁକା ଙ୍କୁ ପୁନର୍ଜୀବିତ କରିବା ପାଇଁ ଏବଂ ମାତା ରେଣୁକା ଯେପରି ମନେ ରଖି ପାରିବେ ନାହିଁ ଯେ ତାଙ୍କୁ ପର୍ଶୁରାମ ହତ୍ୟା କରିଛନ୍ତି ସେଥିପାଇଁ ବର ମାଗିଥିଲେ । ଆମର ପାରିବାରିକ ଜୀବନ ର ସମସ୍ତ ସୁଖ ମା ଓ ବାପା ଙ୍କୁ ନେଇ । ଆମ ର ଶୈଶବ ମା ଙ୍କ କୋଳରେ ଓ ବାପା ଙ୍କ କାନ୍ଧ ରେ ବସି ବସି କଟିଥାଏ । ବାପା ପାଖରେ ଥିଲେ ଆମେ ନିଜ କୁ ଦୁନିଆର ସବୁଠାରୁ ଶକ୍ତିଶାଳି ବୋଲି ଭାବିଥାଉ । କିନ୍ତୁ ବାପା ନଥିଲେ ଏକ ଅଦ୍ଭୁତ ଶୂନ୍ୟତା ଚାରିପଟେ ଘେରିଯାଏ । ମା 'ର ଉଦାସ ଚେହେରା ସହିତ ଘର ର ଶ୍ରୀ ହଟାତ ଯେମିତି ଉଭେଇ ଯାଏ । ଯୁଧିଷ୍ଠିରଙ୍କ ବନବାସ ସମୟ ରେ ଧର୍ମ ବକଙ୍କ ସହିତ ହୋଇଥିବା କଥୋପକଥନ ରେ ଧର୍ମ ବକ ଯୁଧିଷ୍ଠିର କୁ ପ୍ରଶ୍ନ କରିଥିଲେ "ପୃଥିବୀ ଠାରୁ ମଧ୍ୟ ଭାରି କିଏ ? ଆକାଶ ଠାରୁ ଉଚ୍ଚା କିଏ ?ସେହିପରି ବାୟୁଠାରୁ କାହାର ଗତି ଆହୁରି ଦ୍ରୁତ ଏବଂ କୁଟା କାଠି ଠାରୁ କାହାର ସଂଖ୍ୟା ଅଧିକ ? ରାଜା ଯୁଧିଷ୍ଠିର ଏହି ପ୍ରଶ୍ନ ର ଉତର ଦେବା କୁ ଯାଇ କହିଥିଲେ ଯେ " ମାତା ର ଗୌରବ ପୃଥିବୀ ଠାରୁ ଅଧିକ । ପିତା ଆକାଶଠାରୁ ଉଚ୍ଚା । ମନ ର ଗତି ବାୟୁ ର ଗତି ଠାରୁ ଦ୍ରୁତ ଏବଂ ଚିନ୍ତା ର ସଂଖ୍ୟା କୁଟାକାଠି ଠାରୁ ଅଧିକ । ନିକଟ ରେ ବାଲେଶ୍ୱର ର ବାହାନାଗା ରେ ଏକ ମର୍ମନ୍ତୁକ ରେଳ ଦୁର୍ଘଟଣା ଘଟିଯାଇଛି ସେହି ଦୁର୍ଘଟଣା ରେ ୨୮୮ ଲୋକ ପ୍ରାଣ ହରାଇଛନ୍ତି , କେତେ ପିତା ବା ବାପାଙ୍କୁ ସେମାନଙ୍କ ସନ୍ତାନ ମାନେ ହରାଇଛନ୍ତି କେଜାଣି ? ପିତୃ ଦିବସ ରେ ସେମାନଙ୍କ ଘରେ ପିତା ର ସ୍ଥାନ ଶୂନ୍ୟ ରହିବ , ତାହା ପୁରା ଜୀବନ ରେ କେବେ ହେଲେ ପୂରଣ ହେବ ନାହିଁ । ପିତୃ ଦିବସ, ପ୍ରଥମ ଥର ପାଇଁ ୧୯ ଜୁନ ୧୯୧୦ ରେ ପାଳନ କରାଯାଇଥିଲା । ଏହା ପଶ୍ଚିମ ବର୍ଜେନିଆ ର ଫେୟାରମୋଂଟ ରେ ପାଳନ କରାଯାଇଥିଲା । ଏହା ପୂର୍ବ ରୁ ୬ ଡିସମ୍ବର ୧୯୦୭ ରେ ପଶ୍ଚିମ ବର୍ଜେନିଆ ର ମୋନୋଗାହ ବୋଲି ଗୋଟିଏ ଖଣି ରେ ଦୁର୍ଘଟଣା ଘଟି ଥିଲା । ସେଥିରେ ୨୧୦ ଲୋକ ମୃତ୍ୟୁବରଣ କରିଥିଲେ । ସେମାନଙ୍କ ପରିବାର ଓ ସନ୍ତାନ ମାନେ ଶୋକାକୁଳ ଅବସ୍ଥା ରେ ରହିଥିଲେ । ଗ୍ରେସ ଗୋଲଡ୍ଡେନ କ୍ଲେଂଟୋନ ବୋଲି ଜଣେ ମହିଳା, ଖଣି ରେ ମୃତ୍ୟୁବରଣ କରିଥିବା ପିତାମାନଙ୍କ ସମ୍ମାନ ରେ ଗୋଟିଏ ଦିବସ ପାଳନ କରିଥିଲେ ଏବଂ ସେହି ଦିବସ କୁ "ଫାଦର୍ସ ଡେ" ଭାବ ରେ ନାମାଙ୍କନ କରାଗଲା । ପିତା ର ସମ୍ମାନ ଭାରତ ରେ ସବୁଦିନ ରହିଛି ଏବଂ ରହିବ ମଧ୍ୟ । ମାତୃ ଦିବସ ଏବଂ ପିତୃ ଦିବସ ଏହି ଦୁଇଟି ଯାକ ଦିବସ ପିଲାମାନଙ୍କ ପାଇଁ ମହତ୍ୱପୂର୍ଣ୍ଣ କିନ୍ତୁ ମାତୃ ଦିବସ ଯେତେ ହର୍ଷ ଓ ଉଲ୍ଲାସ ର ସହିତ ପାଳନ କରାଯାଏ , ପିତୃ ଦିବସ କୁ ତା ଠାରୁ କମ ଗୁରୁତ୍ୱ ଦିଆ ଯାଏ ତାର କାରଣ ଆମେ ସାଧାରଣ ତହ ମା ସହିତ ବେସି ଜଡିତ । ଆମର ଭାବ ପ୍ରବଣତା ମା କୁ ନେଇ ଯେତେ ବେଶି ବାପାଙ୍କ ସହିତ ସେତେ ବେଶି ନୁହେଁ

# ପିତୃ ଦିବସ

◆ ଆଚାର୍ଯ୍ୟ ବ୍ରଜକାନ୍ତ ସିଂ

ପ୍ରତ୍ୟେକ ପିତାମାନଙ୍କୁ ଆଜିର ପିତୃ ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରେ । ସୋନୋରା ସ୍ମାର୍ଟ ଡୋଡ ନାମକ ଜଣେ ଭଉଣୀ ତାଙ୍କ ପିତାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଜୁନ ମାସର ତୃତୀୟ ରବିବାର ୧୯ ଜୁନ ୧୯୧୦ ମସିହାରେ ଆମେରିକାରେ ପ୍ରଥମେ ପିତୃ ଦିବସ ପାଳନ କରିଥିଲେ । କାରଣ ତାଙ୍କ ମାଆ ଷଷ୍ଠ ସନ୍ତାନଙ୍କୁ ଜନ୍ମ ଦେବା ସମୟରେ ମୃତ୍ୟୁ ହୋଇଥିଲେ ଆଉ ତାଙ୍କ ମାଆଙ୍କ ମୃତ୍ୟୁ ପରେ ତାଙ୍କ ବାପା ୱିଲିୟମ ସ୍ମାର୍ଟ ଏକାକୀ ଛଅ ଜଣ ପିଲାମାନଙ୍କ ଯତ୍ନ ନେଇ ଲାଳନପାଳନ କରି ବଢାଇ ଥିଲେ । ସେ ବିଶ୍ୱାସ କରୁଥିଲେ ଯେ, ପ୍ରାୟତଃ ଅନେକେ ଆମେ ସର୍ବଦା ମାଆଙ୍କ ତ୍ୟାଗ ଓ ଭାବନାକୁ ସମ୍ମାନ ଦେଇଥାଉ ଭଲ କଥା କିନ୍ତୁ ପିତାଙ୍କ ତ୍ୟାଗକୁ ପ୍ରାୟତଃ କେହି ଧ୍ୟାନ ଦେଇନଥାଉ । ଜୀବନରେ ପ୍ରାୟତଃ ଅନେକେ ବାପାଙ୍କ ମହତ୍ୱକୁ ବୁଝନ୍ତି ନାହିଁ । ଏଣୁ ସେ ବାପାମାନଙ୍କ ତ୍ୟାଗ ଓ ଜୀବନକୁ ସ୍ମରଣ କରିବା ନିମନ୍ତେ ପିତୃ ଦିବସ ପାଳନ କରିବା ଉଚିତ ବୋଲି ଚାହିଁଲେ । ହଁ କେବଳ ପିତୃ ଦିବସରେ ପିତାଙ୍କୁ ଭକ୍ତି ଓ ସମାଦର କରିବା ତାହା ନୁହେଁ ମାତ୍ର ଆମ ସଂସ୍କୃତିରେ ପ୍ରତ୍ୟେକ ଦିନ ଆମ ପିତାମାତାଙ୍କୁ ଭକ୍ତି ଓ ସମାଦର କରିବା ପ୍ରତ୍ୟେକ ପିଲାମାନଙ୍କ ଏକ କର୍ତବ୍ୟ ଅଟେ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏ ବିଷୟରେ ଆମକୁ ଶିକ୍ଷା ପ୍ରଦାନ କରେ । ପରମେଶ୍ୱର ଆମର ସୃଷ୍ଟିକର୍ତା ଓ ପିତାମାତା ଆମର ଜନ୍ମଦାତା ଓ ଜନ୍ମଦାତ୍ରୀ ଅଟନ୍ତି । ପରମେଶ୍ୱର ଆମର ଅଦୃଶ୍ୟ ପ୍ରଭୁ ହେଲେ ପିତାମାତା ଆମର ଦୃଶ୍ୟମାନ ପ୍ରଭୁ ଅଟନ୍ତି । ପବିତ୍ର ବାଇବଲରେ ଲେଖାଅଛି – "ହେ ପିଲାମାନେ ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ; କାରଣ ତାହା ଯଥାର୍ଥ । ଏହା ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା, ଯେପରି ତୁମ୍ଭର ମଙ୍ଗଳ ହେବ, ଆଉ ତୁମ୍ଭେ ପୃଥିବୀରେ ଦୀର୍ଘାୟୁ ହେବ । ପିତାମାତାଙ୍କ ଆଜ୍ଞାବହ ହେବା ଓ ସମାଦର କରିବା ପ୍ରଭୁଙ୍କ ସହଭାଗିତାରେ ସନ୍ତୋଷଜନକ ବ୍ୟବହାର ।" ଈଶ୍ୱରଙ୍କ ପ୍ରତି ଭକ୍ତି କିନ୍ତୁ ପିତା କି ମାତା ପ୍ରତି ଦୁର୍ବ୍ୟବହାର ଏହା କିପ୍ରକାର ଯଥାର୍ଥ ବିଷୟ ତାହା ସମୀକ୍ଷା କରିବା ବର୍ତମାନ ଆଧୁନିକ ସମୟରେ ପ୍ରତ୍ୟେକଙ୍କ ନିମନ୍ତେ ଅପରିହାର୍ଯ୍ୟ ଅଟେ । ପିତା ପରିବାରର ମୁଖ୍ୟ ଅଟନ୍ତି । ସେ ନିଜ ପିତାମାତା, ପତ୍ନୀ ଏବଂ ପିଲାମାନଙ୍କ ସମେତ ସମଗ୍ର ପରିବାରର ଯତ୍ନ ନିଅନ୍ତି । ସେ ନିଜ ପରିବାରକୁ ଚଳାଇବା ପାଇଁ ଝାଳବୁହା ପରିଶ୍ରମ କରନ୍ତି । ପରିବାରର ଆବଶ୍ୟକତା ଓ ଚାହିଦାକୁ ପୂରଣ କରିବାକୁ ସେ ଯଥାସମ୍ଭବ ଚେଷ୍ଟା କରନ୍ତି । ସେ ନିଜ ପିଲାମାନଙ୍କୁ ଉତମ ଶିକ୍ଷା ଦେଇ ଉଚ୍ଚଶିକ୍ଷିତ କରାଇବା ନିମନ୍ତେ ଓ ପରିବାରକୁ ଉତମ ଭାବରେ ଭରଣପୋଷଣ କରିବା ପାଇଁ ଦିନରାତି ନିରନ୍ତର ପରିଶ୍ରମ କରନ୍ତି । ଏଥିପାଇଁ ସେ ବିଭିନ୍ନ ପରିସ୍ଥିତିର ମଧ୍ୟ ସାମନା କରିବାକୁ ପଡିଥାଏ । ଜଣେ ପିତା ଯିଏ ପରିବାର ସଦସ୍ୟଙ୍କ ମଧ୍ୟରେ କଠୋର ଅନୁଶାସନ ବଜାୟ ରଖନ୍ତି, ଆଉ ସେହି ପ୍ରେମ ଭରା ଅନୁଶାସନ ପରିବାରକୁ ଏକ ସୁନ୍ଦର ପରିବାର କରି ଗଠନ କରେ । ସେ ନିଜ ପିଲାମାନଙ୍କୁ ସଠିକ ରାସ୍ତା ଦେଖାନ୍ତି ଓ ସେମାନଙ୍କୁ ଉପଯୁକ୍ତ ଶିକ୍ଷା




ପରାମର୍ଶ ମାଧ୍ୟମରେ ସେମାନଙ୍କ ଜୀବନର ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦିଅନ୍ତି । ସେ ପରିବାରରେ ଶୈଳ ଭାବରେ ଠିଆ ହୁଅନ୍ତି ଏବଂ ସମାଜର ମନ୍ଦରୁ ପରିବାରକୁ ରକ୍ଷା କରନ୍ତି । ସକ୍ରିୟ ପିତା ନିଜ ଯୁବା ପୁଅଝିଅମାନଙ୍କ ଆଚରଣ ସୁଧାରିବା ଏବଂ ମାନସିକ ସମସ୍ୟା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି; ଆଉ ପିଲାମାନଙ୍କଠାରେ ତାହାଙ୍କ ସମୟ କ୍ଷେପଣ ଓ ଯୋଗଦାନ ତାଙ୍କ ପିଲାମାନଙ୍କ ସାମାଜିକ ସ୍ଥିରତା, ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ଏବଂ ଉପଯୁକ୍ତ ବୟସରେ ସେମାନଙ୍କ ଏକ ସୁଦୃଢ ବିବାହର ଏକ ଆଶୀର୍ବାଦ ଆଣିଥାଏ । କେହି ଜଣେ କହିଛନ୍ତି ପିତାଙ୍କ ସହିତ ପିଲାମାନଙ୍କୁ ବଢାଉଥିବା ପରିବାର/ମାଆମାନେ ପିଲାମାନଙ୍କଠାରୁ ବିବାଦ ବା ପିଲାମାନଙ୍କ ସହିତ ପିତାଙ୍କ ବିବାଦ ପ୍ରାୟ କମ ଦେଖନ୍ତି । ପ୍ରତ୍ୟେକ ପିଲାଙ୍କ ଜୀବନରେ ପିତାମାନେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି ଆଉ ସେ ଯେଉଁ ବିଶେଷ ଭୂମିକା ଗ୍ରହଣ କରନ୍ତି ତାହା ଅନ୍ୟମାନଙ୍କ ଦ୍ୱାରା ପୂରଣ କରାଯାଇପାରିବ ନାହିଁ । ପିତା ବିନା ପିଲାମାନଙ୍କ ଜୀବନ ଏକ କଷ୍ଟପୂର୍ଣ ଅଟେ । କାରଣ ପିତାଙ୍କ ଭୂମିକା ପିଲାମାନଙ୍କ ଉତମ ଜୀବନ ଗଢିବାରେ ଉତମ ପ୍ରଭାବ ପକାଇଥାଏ । ମାଆ ପରି ପିତା ମଧ୍ୟ ପିଲାର ଭାବପ୍ରବଣ ସୁସ୍ଥତାର ବିକାଶରେ ସ୍ତମ୍ଭ ଅଟନ୍ତି । ସାଧାରଣତଃ ପ୍ରାୟ ପିଲାମାନଙ୍କ ସେମାନଙ୍କ ପ୍ରଥମ ସୁପରହିରୋ ବା ଆଦର୍ଶ ବ୍ୟକ୍ତି ସେମାନଙ୍କ ପିତା ଅଟନ୍ତି । ପିଲା ଯେତେବେଳେ କୌଣସି ସମସ୍ୟାରେ ପଡିଲେ ମୁଖ୍ୟତଃ ନିଜ ପିତାଙ୍କୁ ମନେ ପକାଏ ବା ଖୋଜେ । ଏହା ହିଁ ପିତାଙ୍କ ଗୁରୁତ୍ୱ ବା ମହତ୍ୱକୁ ପ୍ରକାଶ କରେ । କିନ୍ତୁ ଦୁଃଖର ବିଷୟ କେହି କେହି ଭୁଲ ଧାରଣାକୁ ବ୍ୟବହାର କରନ୍ତି ଯେ, ପିଲାମାନଙ୍କ ଯତ୍ନ କରିବା ହେଉଛି, ମହିଳାଙ୍କ କାମ/ ମାଆମାନଙ୍କ କାମ; ଆମର କେବଳ ଘରକୁ ବା ପରିବାରର ଆବଶ୍ୟକ ଓ ଚାହିଦା ଯୋଗାଇ ଦେବା ଆମର କାମ । ପୁଣି ଆଉ କେହି କେହି ଭାବପ୍ରବଣ ହୋଇ କହନ୍ତି – ତୁମର ସଫଳତା ହିଁ ମୋର ସଫଳତା, ତୁମର ବିଫଳତା ହିଁ ମୋର ବିଫଳତା; ସତେକି ସେମାନଙ୍କ ଆଉ କିଛି ନାହିଁ ମାତ୍ର ସବୁକିଛି ପିଲାମାନଙ୍କ ଉପରେ ସଫଳତାର ଚାପ ପକାନ୍ତି; ଅନ୍ୟମାନଙ୍କ ସହ ତୁଳନାର କଥା କହନ୍ତି ଆଉ ପିଲାମାନେ ଚାପରେ ରହିଥାନ୍ତି । ପବିତ୍ର ବାଇଲରେ ଲେଖାଯାଏ, "ହେ ପିତାମାନେ, ଆପଣା ଆପଣା ପିଲାମାନଙ୍କୁ ବିରକ୍ତ କର ନାହିଁ, ଯେପରି ସେମାନେ ନିରୁତ୍ସାହିତ ନ ହୁଅନ୍ତି ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର ।" ପିଲାମାନଙ୍କଠାରେ ପିତାଙ୍କ ସମୟ କ୍ଷେପଣ ଓ ଯୋଗଦାନ ନ ଦେବା ଦ୍ୱାରା ଯୁବା ସମୟରେ ପିଲାମାନଙ୍କ ଜୀବନ ବିଗିଡି ଯିବାର ପ୍ରାୟତଃ ନଜିର ହୋଇଥାଏ । ମହାନ ବ୍ୟକ୍ତି ହୋଇ କେହି ଜନ୍ମି ନ ଥା'ନ୍ତି ମାତ୍ର ସେମାନଙ୍କ ପିତା ଓ ମାତାଙ୍କ ଦ୍ୱାରା ଈଶ୍ୱରଙ୍କ ଅପାର ଅନୁଗ୍ରହରୁ ଗଢା ଯାଇଥା'ନ୍ତି । ଅତଏବ ଏହି ପିତୃ ଦିବସରେ ପିତା ଭାବରେ ଆମେ ଆମ ପିଲାମାନଙ୍କ ଓ ପରିବାରର ପିତୃ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବା ପାଇଁ ଏ ଦିନଗୁଡିକରେ ଅତି ଯତ୍ନବାନ ହୋଇ ଆମ ପିଲାମାନଙ୍କୁ ଓ ପରିବାରକୁ ଉତମ ଭାବରେ ଗଠନ କରି ଏକ ସୁସ୍ଥ ଓ ଶାନ୍ତିକର ସମାଜ ଗଠନରେ ସହାୟକ ହେଉ । ପୁଣି ସନ୍ତାନ ବା ସନ୍ତତି ଭାବରେ ଆମେ ଆମ ପିତାଙ୍କୁ ସମ୍ମାନ, ଭକ୍ତି ଓ କୃତଜ୍ଞତା ଜ୍ଞାପନ କରୁ । ସେ ଆମ ପାଇଁ ଅନେକ ପରିଶ୍ରମ କରିଛନ୍ତି । ଆମ ନିମନ୍ତେ ଅନେକ କ୍ଲେଶ ଯନ୍ତ୍ରଣା ଉଠାଇଛନ୍ତି । ଆମର ଯତ୍ନ ନେଇଛନ୍ତି ଓ ଆମକୁ ସଠିକ ମାର୍ଗ ତାଙ୍କ ସାଧ୍ୟମତେ ଦେଖାଇଛନ୍ତି । ଆମ ଉତମ ନିମନ୍ତେ କେତେ ଯେ ଅକୁହା ଯନ୍ତ୍ରଣାର ଅନୁଭୂତି ତାଙ୍କ ପାଖରେ ଅଛି ! କିନ୍ତୁ ଦୁର୍ଭାଗ୍ୟବଶତଃ ଆଜିର ସ୍ୱାର୍ଥପର ଦୁନିଆରେ କିଛି ପିତାମାନେ ପିଲାମାନଙ୍କ ଦ୍ୱାରା ଅବହେଳିତ ଅସହାୟ ଓ କେତେ ଯେ ଯନ୍ତ୍ରଣା ପୀଡା ମଧ୍ୟ ଗତି କରୁଛନ୍ତି ! ତାଙ୍କ ଆଖିରୁ ଦୁଃଖର ଲୁହ ବହିବାରେ ବିରାମ ନେଉ ନାହିଁ ! ପିତୃସମ୍ପତି ଭାଗ ବଂଟାରେ କେତେ ଯେ ପିତା ଆଜି ବଳି ପଡୁଛି ଆମେ ଟିଭି, ଖବର କାଗଜ ଓ ସୋସିଆଲ ମିଡିଆରେ ଦେଖିବାକୁ ଓ ଶୁଣିବାକୁ ପାଉ । ସତରେ ଧିକ ଏପ୍ରକାର ଅମଣିଷ ପଣିଆ ଜୀବନ ନିମନ୍ତେ । ପିତାଙ୍କ ପ୍ରତି ଅସମ୍ମାନ, ଗାଳିଗୁଲଜ, ଘରୁ ତଡିବା ଇତ୍ୟାଦି ବ୍ୟବହାର ଦ୍ୱାରା ଅଭିଶାପର ଦ୍ୱାର ଖୋଲା ହୋଇ ପରିଣାମ ଶେଷରେ ଅତି ଭୟଙ୍କର ହେବା ଯଥେଷ୍ଟ ସମ୍ଭାବନା ଓ ଅନେକ ଉଦାହରଣ ରହିଛି । କିନ୍ତୁ ଆସୁ ଆମେ ଏହି ପିତୃ ଦିବସରେ ଶପଥ ନେବା ଆମ ବାପାଙ୍କୁ ଆମେ ଭୟ ଭକ୍ତି ଓ ସମାଦର କରିବା ଓ ଯତ୍ନ ନେବା ଯଦିବା ଆଜି ସେ ଅତି ବୃଦ୍ଧ । ସେ ହେଉଛନ୍ତି ଦୃଶ୍ୟମାନ ପ୍ରଭୁ । ତାହାଙ୍କୁ ସମାଦର ଓ ଯତ୍ନ କରିବା ଦ୍ୱାରା ଈଶ୍ୱରଙ୍କଠାରୁ ମଙ୍ଗଳ ଓ ଦୀର୍ଘାୟୁ ମିଳିଥାଏ ଓ ପରିବାର ମଧ୍ୟରେ ପ୍ରକୃତ ଶାନ୍ତି, ଏକତା, ପରସ୍ପର ସମ୍ମାନ ଓ ବୁଝାମଣାରେ ପରିବାର ଆଗକୁ ବୃଦ୍ଧି ହୋଇଥାଏ ।

*ସିଦ୍ଧି ବିହାର, ଜଗମରା, ଭୁବନେଶ୍ୱର – ୩୦, ମୋ – ୭୩୮୧୮୧୭୮୧୮*





# ଜଳ ଶକ୍ତି : ବିକଶିତ ଭାରତ ଯାତ୍ରାରେ ଜଳ ସୁରକ୍ଷାର ନୂତନ ଅଧ୍ୟାୟ

ଆପଣ ଜାଣନ୍ତି କି, 'ଜଳ ଜୀବନ ମିଶନ' ହେଉଛି ବିଶ୍ୱର ସବୁଠାରୁ ବଡ଼ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ କିମ୍ବା 'ସ୍ୱଚ୍ଛ ଭାରତ ମିଶନ' ହେଉଛି ସାରା ବିଶ୍ୱରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ପରିମଳ ଆନ୍ଦୋଳନ, ଯାହା ଏକ ଅଭୂତପୂର୍ବ ସ୍ତରରେ ଆଚରଣଗତ ପରିବର୍ତ୍ତନ ଆଣିପାରିଛି କିମ୍ବା 'ନମାମି ଗଙ୍ଗେ' ଆଜି ବିଶ୍ୱର ସବୁଠାରୁ ମହତ୍ୱାକାଂକ୍ଷୀ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଅନ୍ୟତମ ଏହି ସମସ୍ତ ପ୍ରୟାସ କେବଳ ସରକାରୀ ଯୋଜନା ନୁହେଁ, ବରଂ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ କିଭଳି ଭାବେ ନିଜର ଜଳ-ସୁରକ୍ଷିତ ଭବିଷ୍ୟତ ଗଢୁଛି, ଏହା ତାର ଏକ ନୂତନ ପରିକଳ୍ପନାକୁ ଦର୍ଶାଉଛି । ଇତିହାସକାରମାନେ ଯେତେବେଳେ ଭାରତର ବିକାଶ ଯାତ୍ରାକୁ ସମୀକ୍ଷା କରିବେ, ସେତେବେଳେ ସେମାନେ ନିଶ୍ଚିତ ଭାବରେ ବିଗତ ବାର ବର୍ଷକୁ ଏଭଳି ଏକ ସମୟ ଭାବେ ବର୍ଣ୍ଣନା କରିବେ ଯେଉଁଠି 'ଜଳ' ଜାତୀୟ ରୂପାନ୍ତରଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ମାନବୀୟ ମର୍ଯ୍ୟାଦା, ଅର୍ଥନୈତିକ ଅଭିବୃଦ୍ଧି, ଜନସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶର ସ୍ଥିରତାକୁ ଜଳ ଭଳି ଅତି ଗଭୀର ଭାବରେ ପ୍ରଭାବିତ କରୁଥିବା କ୍ଷେତ୍ର ବହୁତ କମ୍ ରହିଛି । ଗତ ୧୨ ବର୍ଷ ମଧ୍ୟରେ ଜଳ କ୍ଷେତ୍ରରେ ନିବେଶ ଏବଂ କାର୍ଯ୍ୟାନ୍ୱୟନର ପରିମାଣ ଅତୁଳନୀୟ । ଏହି ପରିବର୍ତ୍ତନର ଗୁରୁତ୍ୱ କେବଳ ସଂଖ୍ୟାରେ ନାହିଁ । ଜଳକୁ ଏବେ ଏକ ସହଭାଗୀ ଜାତୀୟ ପ୍ରାଥମିକତା ଭାବରେ ଦେଖାଯାଉଛି, ଯାହା ବିଭାଗ, ରାଜ୍ୟ, ସମ୍ପ୍ରଦାୟ ଏବଂ ପିଢ଼ି ମଧ୍ୟରେ ରହିଛି । ପୂର୍ବରୁ, ଜଳ ସୁରକ୍ଷାକୁ ଏତେ ଗୁରୁତ୍ୱ ଦିଆଯାଉନଥିଲା, କିନ୍ତୁ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ, ଭାରତ ସରକାର ଜଳ କ୍ଷେତ୍ରରେ ଯୋଜନା, ପରିଚାଳନା ଏବଂ ବିତରଣରେ ଦୀର୍ଘକାଳୀନ ବ୍ୟବଧାନ ପୂରଣ କରିବାର ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ପରିବର୍ତ୍ତନର ସବୁଠାରୁ ପ୍ରମୁଖ ଉଦାହରଣ ହେଉଛି ଜଳ ଜୀବନ ମିଶନ । ଯେତେବେଳେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ସେତେବେଳେ କେବଳ ୩.୨୩ କୋଟି ଗ୍ରାମୀଣ ପରିବାର, ପ୍ରାୟ ୧୭ ପ୍ରତିଶତ ଗ୍ରାମୀଣ ଭାରତୀୟ ପରିବାର ପାଖରେ ଟ୍ୟାପ୍ ପାଣି ସଂଯୋଗ ଥିଲା । ଆଜି, ଗ୍ରାମୀଣ ଭାରତର ୮୧ ପ୍ରତିଶତରୁ ଅଧିକ କଭର କରୁଥିବା ୧୫.୮ କୋଟିରୁ ଅଧିକ ଗ୍ରାମୀଣ ପରିବାର ଘରେ ଟ୍ୟାପ୍ ପାଣି ପାଇପାରୁଛନ୍ତି, ଏବଂ ଆମେ ୨୦୨୮ ସୁଦ୍ଧା ୧୦୦ ପ୍ରତିଶତ କଭରେଜ୍ ହାସଲ କରିବା ଦିଗରେ ଅଗ୍ରସର ହେଉଛୁ । ଲକ୍ଷ ଲକ୍ଷ ପରିବାର, ବିଶେଷକରି ମହିଳା ଏବଂ ପିଲାମାନଙ୍କ ପାଇଁ, ଏହା କେବଳ ଏକ ଉପଯୋଗୀ ସେବା ନୁହେଁ; ଏହା ସେମାନଙ୍କ ଜୀବନଶୈଳୀରେ ଏକ ପରିବର୍ତ୍ତନ । ଅଧ୍ୟୟନରୁ ଜଣାପଡ଼ିଛି ଯେ, ପୂର୍ବରୁ ଭାରତର ଗ୍ରାମୀଣ ମହିଳାମାନେ ପାଣି ଆଣିବା ପାଇଁ ପ୍ରତିବର୍ଷ କୋଟି କୋଟି ଘଂଟା ସମୟ ବିତାଉଥିଲେ । ଘରୋଇ ଟ୍ୟାପ୍ ଜଳ ଯୋଗାଣର ସମ୍ପ୍ରସାରଣ ଫଳରେ ଏବେ ଦୈନିକ ୫.୫ କୋଟିରୁ ଅଧିକ ମାନବ-ଘଂଟା ସଂଚୟ ହୋଇପାରୁଛି । ଦିନେ ଯେଉଁ ସମୟ କଠିନ ପରିଶ୍ରମ ଓ କଷ୍ଟରେ ନଷ୍ଟ ହେଉଥିଲା, ତାହା ଏବେ ଶିକ୍ଷା, ଜୀବିକା, ପିଲାମାନଙ୍କ ଯତ୍ନ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ବିନିଯୋଗ ହେଉଛି । ଏହା ସହିତ, ପ୍ରତିଟି ପରିବାରରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ଜଳବାହିତ ରୋଗ ଯୋଗୁଁ ସ୍ୱାସ୍ଥ୍ୟ ବାବଦରେ ହେଉଥିବା ପକେଟ୍-ଖର୍ଚ୍ଚକୁ ମଧ୍ୟ ହ୍ରାସ କରିଛି । ସ୍ୱଚ୍ଛ ଭାରତ ମିଶନ ମଧ୍ୟ ସମାନ ଭାବରେ ପରିବର୍ତ୍ତନକାରୀ । ଭାରତର ପରିମଳ ଆନ୍ଦୋଳନ ଦର୍ଶାଇଛି ଯେ ଆଚରଣଗତ ପରିବର୍ତ୍ତନ, ଜନ ଅଂଶଗ୍ରହଣ ଏବଂ ରାଜନୈତିକ ପ୍ରତିବଦ୍ଧତା ଏକତ୍ର ପରିମାଣରେ କାମ କରିପାରିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱାସ୍ଥ୍ୟ ଲାଭର ମୂଲ୍ୟାଙ୍କନ ଅନୁଯାୟୀ, ଏସବିଏମ୍-ଗ୍ରାମୀଣ ୨୦୧୪ ରୁ ଅକ୍ଟୋବର ୨୦୧୯ ମଧ୍ୟରେ ୩ ଲକ୍ଷରୁ ଅଧିକ ଡାଇରିଆ ମୃତ୍ୟୁକୁ ଏଡାଇ ପାରିଛି ବୋଲି ଆକଳନ କରାଯାଇଛି । ଘରୋଇ ଶୌଚାଳୟ ନିର୍ମାଣ ଲକ୍ଷ ଲକ୍ଷ ଗ୍ରାମୀଣ ମହିଳାଙ୍କ ପାଇଁ ସମ୍ମାନ, ଗୋପନୀୟତା ଏବଂ ସୁରକ୍ଷା ଆଣିଛି, ପରିମଳକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ ମର୍ଯ୍ୟାଦା ପାଇଁ ଏକ ଆନ୍ଦୋଳନରେ ପରିଣତ କରିଛି । ଗ୍ରାମଗୁଡ଼ିକୁ ଖୋଲା ମଳତ୍ୟାଗ ମୁକ୍ତ କରିବା ବ୍ୟତୀତ, ଦେଶ ଏବେ ଏସବିଏମ୍-ଗ୍ରାମୀଣ ୨.୦ ଅଧୀନରେ ସ୍ଥାୟୀ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଆଡ଼କୁ ଅଗ୍ରସର ହୋଇଛି । ଭାରତ ବିଶ୍ୱର ଯେକୌଣସି ସ୍ଥାନରେ ସର୍ବବୃହତ ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ରିଚାର୍ଜ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୬ ସେପ୍ଟେମ୍ବର ୨୦୨୪ରେ ସୁରଟରୁ ଆରମ୍ଭ ହୋଇଥିବା 'ଜଳ ସଂଚୟ ଜନ ଭାଗୀଦାରୀ' ପଦକ୍ଷେପ ଅଧୀନରେ, ୩୧ ମଇ ୨୦୨୬ ସୁଦ୍ଧା ଦେଶବ୍ୟାପୀ ୧.୫୫ କୋଟିରୁ ଅଧିକ ବର୍ଷାଜଳ ଅମଳ ଏବଂ ଭୂତଳ ଜଳ ରିଚାର୍ଜ ଢାଂଚା ସୃଷ୍ଟି କରାଯାଇଛି । ଏହା ଜଳ ସଂରକ୍ଷଣରେ ସାମୂହିକ କାର୍ଯ୍ୟ ଏବଂ ସାମୂହିକ ଅଂଶଗ୍ରହଣର ଶକ୍ତିକୁ ପ୍ରଦର୍ଶନ କରେ । ଏହି ପ୍ରୟାସଗୁଡ଼ିକର ପ୍ରଭାବ ଭୂତଳ ଜଳ କ୍ଷେତ୍ରରେ ମଧ୍ୟ କ୍ରମଶଃ ଦୃଶ୍ୟମାନ ହେଉଛି । ସାମ୍ପ୍ରତିକ ମୂଲ୍ୟାଙ୍କନଗୁଡ଼ିକ ଭୂତଳ ଜଳ ସ୍ତରରେ ଉନ୍ନତି ଏବଂ ଦେଶର ଅନେକ ସ୍ଥାନରେ ଅତ୍ୟଧିକ ଶୋଷିତ ମୂଲ୍ୟାଙ୍କନ ୟୁନିଟ୍ ସଂଖ୍ୟାରେ ହ୍ରାସକୁ ସୂଚିତ କରେ । ଏହା ମଧ୍ୟ ଦର୍ଶାଏ ଯେ ସାମୂହିକ ଅଂଶଗ୍ରହଣ ସହିତ ମିଳିତ ଭାବରେ ସ୍ଥାୟୀ ସଂରକ୍ଷଣ ପ୍ରୟାସ ପରିବେଶଗତ ଚାପକୁ ଦୂର କରିପାରିବ । ଏହା ସହିତ, ଭାରତ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଜାତୀୟ ଜଳ ପ୍ରକଳ୍ପଗୁଡ଼ିକୁ ଆଗେଇ ନେଇଛି । କେନ୍-ବେତୱା ନଦୀ ସଂଯୋଗୀକରଣ ପ୍ରକଳ୍ପ, ବୁନ୍ଦେଲଖଣ୍ଡର ଶୁଷ୍କ ଅଂଚଳକୁ ଜଳ ଆଣିବା ପାଇଁ ଦେଶର ପ୍ରଥମ ପ୍ରମୁଖ ନଦୀ ସଂଯୋଗୀକରଣ ପଦକ୍ଷେପ, ଦ୍ରୁତ ଗତିରେ ଆଗକୁ ବଢୁଛି । ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପଦକ୍ଷେପଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ନମାମି ଗଙ୍ଗେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଛି ଯେ ପରିବେଶ ପୁନରୁଦ୍ଧାର ଏବଂ ବିକାଶ ଏକତ୍ର ଆଗକୁ ବଢ଼ିପାରିବ । ଗତ ଦଶନ୍ଧି ମଧ୍ୟରେ, ଆମେ ୪୨୬୦ ଏମଏଲଡି ସ୍ୱେରେଜ୍ ଟ୍ରିଟମେଂଟ କ୍ଷମତା ସୃଷ୍ଟି କରିଛୁ । ଅତିରିକ୍ତ ପ୍ରଦୂଷଣକାରୀ ଶିଳ୍ପରୁ ବିଓଡି ଲୋଡକୁ ୨୦୧୭ ରେ ୨୬ ଟିପିଡି ରୁ ୨୦୨୪ ରେ ଏହାକୁ ୧୦.୭୫କୁ ହ୍ରାସ କରିଛୁ । ବର୍ଜ୍ୟ ନିର୍ଗମନକୁ ୩୪୯ ଏମଏଲଡି ରୁ ୨୬୫.୫୬ ଏମଏଲଡି କୁ ହ୍ରାସ କରାଯାଇଛି । ଆଜି, ଅନୁଧ୍ୟାନ ଦର୍ଶାଉଛି ଯେ ଗଙ୍ଗାରେ ପିଏଚ୍ ଏବଂ ଦ୍ରବୀଭୂତ ଅମ୍ଳଜାନ ସ୍ତର ସମସ୍ତ ନିରୀକ୍ଷଣ ସ୍ଥାନରେ ସ୍ନାନ ମାନଦଣ୍ଡ ପୂରଣ କରେ । ଏହା ବ୍ୟତୀତ, ଏକ ଦେଶବ୍ୟାପୀ ମୂଲ୍ୟାଙ୍କନ ଅନୁସାରେ ଗଙ୍ଗା ଡଲଫିନର ସଂଖ୍ୟା ପ୍ରାୟ ୬୩୨୪ ଥିଲା, ଯାହା ନଦୀର ଉନ୍ନତ ପରିବେଶଗତ ସ୍ୱାସ୍ଥ୍ୟକୁ ପ୍ରତିଫଳିତ କରୁଛି । ଏହି ବର୍ଷଗୁଡ଼ିକରେ ଭାରତର ଜଳ ଯାତ୍ରା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଶିକ୍ଷା ପ୍ରଦାନ କରେ । ଏକବିଂଶ ଶତାବ୍ଦୀରେ ଜଳ ଆହ୍ୱାନକୁ ପୃଥକ ହସ୍ତକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ ନାହିଁ । ପାନୀୟ ଜଳ, ପରିମଳ, ନଦୀ ସଂରକ୍ଷଣ, ଜଳସେଚନ ଦକ୍ଷତା, ଭୂତଳ ଜଳ ରିଚାର୍ଜ, ବର୍ଜ୍ୟଜଳ ପୁନଃବ୍ୟବହାର ଏବଂ ଜଳବାୟୁ ସ୍ଥିରତାକୁ ଏକ ସଂଯୁକ୍ତ ଇକୋସିଷ୍ଟମର ଅଂଶ ଭାବରେ ଦେଖିବା ଉଚିତ । ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଏହି ସମନ୍ୱିତ ପଦ୍ଧତି ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ, ଯାହା ବିଶ୍ୱବ୍ୟାପୀ ଜଳ ସମ୍ପଦ ଉପରେ ବିଦ୍ୟମାନ ଚାପକୁ ବୃଦ୍ଧି କରୁଛି । ଭାରତ ପାଇଁ, ଏହି ଆହ୍ୱାନ ଅନନ୍ୟ । ଦେଶ ବିଶ୍ୱର ପ୍ରାୟ ୧୮ ପ୍ରତିଶତ ଜନସଂଖ୍ୟାର ଘର, କିନ୍ତୁ ବିଶ୍ୱବ୍ୟାପୀ ମଧୁର ଜଳ ସମ୍ପଦର ମାତ୍ର ୪ ପ୍ରତିଶତ ଏହା ନିକଟରେ ରହିଛି । ଦ୍ରୁତ ସହରୀକରଣ, ଶିଳ୍ପ ଅଭିବୃଦ୍ଧି ଏବଂ ପରିବର୍ତ୍ତିତ ପାଣିପାଗ ଢାଂଚା ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ସମ୍ପଦଗୁଡ଼ିକ ଉପରେ ବର୍ଦ୍ଧିତ ଚାପ ପକାଇବ । ତେଣୁ, ଆଜିର ନିବେଶ କେବଳ ବିକାଶମୂଳକ ଖର୍ଚ୍ଚ ନୁହେଁ; ଏହା ଜାତୀୟ ସ୍ଥିରତାରେ ଦୀର୍ଘକାଳୀନ ନିବେଶ । ଗତ ଦଶନ୍ଧିରେ ହାସଲ ହୋଇଥିବା ପ୍ରଗତି ଦର୍ଶାଏ ଯେ ନିଃସ୍ୱାର୍ଥପର ନେତୃତ୍ୱ, ଉତ୍ତମ ଶାସନ ଏବଂ ସକ୍ରିୟ ଜନସାଧାରଣ ଅଂଶଗ୍ରହଣ ଏକ ସହଭାଗୀ ଜାତୀୟ ଦୃଷ୍ଟିକୋଣ ଅନୁସରଣରେ ଏକାଠି ହେଲେ ଅପାର ସମ୍ଭାବନା ଉନ୍ମୁକ୍ତ ହୋଇଥାଏ । ଯେତେବେଳେ ଭାରତ ଆଗକୁ ବଢ଼ିଥାଏ, ଜଳ ଆମର ବିକାଶମୂଳକ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ହୋଇ ରହିଥାଏ । ଜଳ-ସୁରକ୍ଷିତ ଭାରତ କେବଳ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ ନୁହେଁ । ଏହା ମହିଳାମାନଙ୍କ ପାଇଁ ସମ୍ମାନ, ପରିବାର ପାଇଁ ଉତ୍ତମ ସ୍ୱାସ୍ଥ୍ୟ, କୃଷକମାନଙ୍କ ପାଇଁ ଉତ୍ପାଦକତା, ସହରମାନଙ୍କ ପାଇଁ ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ପିଢ଼ି ପାଇଁ ପରିବେଶଗତ ସନ୍ତୁଳନତା ସୁନିଶ୍ଚିତ କରେ । ଗତ ବାର ବର୍ଷ ମଧ୍ୟରେ



ଶ୍ରୀ ସି. ଆର. ପାଟିଲ୍

ଭାରତର ଜଳ କ୍ଷେତ୍ରର ଉଲ୍ଲେଖନୀୟ ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପ୍ରମାଣ ସ୍ୱରୂପ, ଯାହାଙ୍କ ପ୍ରତିବଦ୍ଧତା ଜଳକୁ ଏକ ବିକାଶମୂଳକ ଆହ୍ୱାନରୁ ରାଷ୍ଟ୍ର ନିର୍ମାଣ ଏବଂ ବିକଶିତ ଭାରତର ଏକ ଶକ୍ତିଶାଳୀ ଉପକରଣରେ ପରିଣତ କରିଛି । ଆଗକୁ ବଢ଼ିବା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ । ପ୍ରଯୁକ୍ତିବିଦ୍ୟା, ତଥ୍ୟ ଏବଂ ନବସୃଜନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛି । ଆମେ ବିଭିନ୍ନ କ୍ଷେତ୍ରରେ ଜଳ-ବ୍ୟବହାର ଦକ୍ଷତା ଉନ୍ନତ କରିବା, ପୁନଃବ୍ୟବହାର ଏବଂ ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଜଳ ପରିଚାଳନାକୁ ସୁଦୃଢ଼ କରିବା ଏବଂ ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ପ୍ରୟାସ କରୁଛୁ ।

**(ଲେଖକ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ)**

# ଫଂଚଲିଙ୍ଗେଶ୍ୱରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନସ୍ଥ ଶ୍ୟାମସୁନ୍ଦର ପୁର ପଂଚାୟତ ଅନ୍ତର୍ଗତଫଂଚଲିଙ୍ଗେଶ୍ୱର ଠାରେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସ୍ୱ ଆଜି ପୂର୍ବାହ୍ନ ରେ ପ୍ରତିଷ୍ଠା ହୋଇଯାଇଛି । ସକାଳେ ୯ଟା ବେଳେ ବିରାଟ ପଟୁଆରା ରେ ଶହ ଶହ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀ ଙ୍କ ଉପସ୍ଥିତ ରେପାଖା ପାଖି ୬୦୦ରୁ ଉର୍ଦ୍ଧ କଳସ ମୁଣ୍ଡାଳି ସହ, ଭଂଜନ କୀର୍ତନ, ଶଙ୍ଖ ହୋଳା ହୁଳି ରେ ତାଳେ ତାଳେ ଚଉ ଦିଗ ପ୍ରକମ୍ପିତ ହୋଇଥିଲା । ଫଂଚଲିଙ୍ଗେଶ୍ୱର ଛକ ନିକଟରେ ରହିଥିବା ସେନାପତି ପୋଖରୀ ରେ କଳସ ବୁଡ଼େଇ ଶ୍ରଦ୍ଧାଳୁ ମାନେ ବାବା ବଟେଶ୍ୱର ଦର୍ଶନ କରି କଳସ ଶୋଭାଯାତ୍ରାରେ ବାହାରି ମନ୍ଦିର ନିକଟକୁ ଯାଇଥିଲେ ।କାର୍ଯ୍ୟକ୍ରମ ରେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦ ରାଜହରିଚନ୍ଦନ, ରାଣୀ ସାହେବା ମନୋଜାମଞ୍ଜରୀ ଦେବୀ, ପୁରୀ ରୁ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନପାଟଯୋଶୀ, ଅଗରୀ ସାଧକ ଗୁରୁଜୀ ହର୍ଷ ଶତପଥୀ, ବ୍ରହ୍ମା ସରୋଜ ନନ୍ଦ, ବ୍ରହ୍ମା ପୁଣ୍ୟଶୋଲ୍କ ନନ୍ଦ, ନୀଳଗିରି ଜଗନ୍ନାଥ ମନ୍ଦିର ପୂଜକ ହରିବନ୍ଧୁ କର, ପଣ୍ଡିତ ଅନ୍ତନ ଗୋପାଳ ଦାଶ, ପ୍ରମୋଦ ଆଚାର୍ଯ୍ୟ, ସର୍ବେଶ୍ୱର ପତି, ବିଶ୍ୱନାଥ କର, ରାକେଶ ଦାସ, ଅର୍ଜୁନ ତ୍ରିପାଠୀ, ଚନ୍ଦ୍ର ଶେଖର ମିଶ୍ର, ଦେବା ଶିଷ ଦାସ, ରାମକୃଷ୍ଣ ପଣ୍ଡା, ସତ୍ୟ ସୁନ୍ଦର ମିଶ୍ର, ପବିତ୍ର ହୋତା, ରଘୁନାଥ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖଙ୍କ ଦ୍ୱାରା



ଆଜି କୁଣ୍ଡ ସଂସ୍କାର ଅଗ୍ନି ସ୍ଥାପନ କାର୍ଯ୍ୟ ଶେଷ ହୋଇଛି । ଏହା ୨୦ତାରିଖ ରୁ୨୪ତାରିଖ ପର୍ଯ୍ୟନ୍ତ୬ଦିନ ବ୍ୟାପି ପ୍ରତିଷ୍ଠା ଉତ୍ସବ ସହ ବିଭିନ୍ନ ପୂଜା ଅର୍ଚ୍ଚନା ମହାପ୍ରଭୁଙ୍କ ନୀତି କାନ୍ତି କରାଯିବ । ତେଣୁ ଆଜିର କଳସ ଯାତ୍ରା କାର୍ଯ୍ୟକ୍ରମ ଜିଲ୍ଲା ରୁ କୋଣ ଅନୁକୋଣ ରୁ ଶହ ଶହଶ୍ରଦ୍ଧାଳୁଓ ଜଗନ୍ନାଥ ପ୍ରେମୀ ଆସିଥିଲେ । ଶ୍ରଦ୍ଧାଳୁ ଙ୍କ ପାଇଁ କମିଟି ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ତେଣୁ ଜୟ ଶ୍ରୀ ଜଗନ୍ନାଥ ଧ୍ୱନି ରେ ଫଂଚଲିଙ୍ଗେଶ୍ୱର ମନ୍ଦିର ଠାରୁ ନୀଳଗିରି -ସନ୍ତରଗଡ଼ିଆ ମୁଖ୍ୟ ରାସ୍ତା କଡରେ ଥିବା ସେନାପତି ପୋଖରୀ ପର୍ଯ୍ୟନ୍ତ ଅଂଚଳ ପ୍ରକମ୍ପିତ ହୋଇଥିଲା । କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ନିଳଗରି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଦେଖି ବାକୁ ମିଳିଛି ।ଉକ୍ତ ଜଗନ୍ନାଥ ମନ୍ଦିର କମିଟିର ମୁଖ୍ୟ ସମାଜ ସେବୀ ବସନ୍ତ ରାଉଳ, ଶରତ ଚନ୍ଦ୍ର ରାଉତ, ଦିଲ୍ଲୀପ କୁମାର ବଳ, ସୋମନାଥ ନାୟକ, ମଧୁସୂଦନ ନାୟକ, ଶ୍ରୀଧର ବେହେରା, ମାନସ କୁମାର ପଣ୍ଡା, ବିଶ୍ୱନାଥ ଜେନା, ଜୟନ୍ତ କୁମାର ବେହେରା, ବାପୁପୃଷ୍ଟି, ଚିତରଞ୍ଜନ ବିଶ୍ୱାଳ, ମାଧ ନାୟକ, ଉମାକାନ୍ତ ବାରିକ, ଲକ୍ଷ୍ମୀଧର ଜେନା, ସୌମ୍ୟ ରଂଜନ ଜେନା, ବିଶ୍ୱମ୍ଭରରାଉଳ, ଲକ୍ଷ୍ମୀଧର ଦାସ, ସାଧୁପ୍ରସାଦ ନାୟକ, ସନ୍ତୋଷ ନାୟକ, ଚତୁର୍ଭୁଜ ସ୍ୱାଇଁ ସମେତ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସମାଜସେବୀ ବନମାଳୀ ବନଛୋରଙ୍କ ପରଲୋକ

ନୂଆପଡା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଗଡରାମୁଣ୍ଡା ଗ୍ରାମର ସମାଜସେବୀ ବନମାଳୀ ବନଛୋରଙ୍କ ୯୬ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସେ ଜଣେ ସମାଜସେବୀ ଥିବା ସହ ଧର୍ମାତ୍ମା ଥିଲେ । ସେ ଜଣେ ଭଦ୍ର, ମିଷ୍ଟଭାଷୀ, ମେଳାପୀ, ସରଳ, ନିଷ୍କପଟ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁରେ ଚିହ୍ନା ମହଲରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ସମୟରେ ତାଙ୍କର ତିନିପୁତ୍ର ପୂର୍ଣ୍ଣଚନ୍ଦ୍ର ବନଛୋର, ପୁରନ୍ଦର ବନଛୋର, ପୁରୁନଦାସ ବନଛୋର, ସମସ୍ତ ପୁତ୍ରବଧୂ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଶନିବାର ସକାଳ ୮ ଘଂଟା ସମୟରେ ସ୍ଥାନୀୟ ଶ୍ମଶାନ ରେ ତାଙ୍କର ଆନ୍ତେଷ୍ଟୀ କ୍ରିୟା କରାଯାଇଥିବା ବେଳେ ବଡ ପୁଅ ପୂର୍ଣ୍ଣଚନ୍ଦ୍ର ବନଛୋର ମୁଖାଗ୍ନୀ ଦେଇଥିଲେ ।

# ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ରେ ନିଶା ଦ୍ୱାରା ପରିବାର ର ଆର୍ଥିକ ମାନଦଣ୍ଡ ପ୍ରଭାବିତ ହେଉଥିବା ବେଳେ ଯୁବ ଗୋଷ୍ଠୀ ନିଶାସକ୍ତ ଅବସ୍ଥାରେ ଅପରାଧ ବଢୁଇବେ । ତେଣୁ ନିଶା, ମାନବ ସମାଜର ବ୍ୟାଧି ଅଟେ । ଆଜି ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ ଉପଲକ୍ଷେ ଏକ ସଚେତନ ଶୋଭାଯାତ୍ରା ନୂଆପଡ଼ା ନଗର ପରିକ୍ରମା କରିଅଛି । ଏହି ଶୋଭାଯାତ୍ରା କୁ ଜିଲ୍ଲାପାଳ ମଧୁସୂଦନ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା



ବେଳେ ନିଶା ପାଇଁ ବ୍ୟବହୃତ ଔଷଧ କୁ ବିନା ଡାକ୍ତର ପରାମର୍ଶ କ୍ରମେ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏହି ଉପଲକ୍ଷେ ଏକ ଦସ୍ତଖତ ଅଭିଯାନ ଅଧିକାରୀ, ଛାତ୍ର ଛାତ୍ରୀ, ଅଭିଭାବକ, କର୍ମଚାରୀ, ନାଗରିକ ମାନେ ସାମିଲ ହୋଇ ନିଶା କୁ ଏକ ବ୍ୟାଧି ଏବଂ ମହାମାରୀ ବୋଲି ଆକ୍ଷା ଦେଇଛନ୍ତି । ପରିବାରର ଜଣେ ସଦସ୍ୟ ନିଶା ସେବନ କଲେ ସମ୍ପୂର୍ଣ୍ଣ ପରିବାର ପ୍ରଭାବିତ ହୋଇଥାଏ । କାର୍ଯ୍ୟକ୍ରମ ରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ସାମିଲ ହୋଇଥିଲେ । ଭଙ୍ଗା, ବିଡି, ସିଗାରେଟ, ତମ୍ବାଖୁ, ଗୁଟଖା ନୂଆପଡ଼ା ର ପାଖାପାଖି ସବୁ ପାନ ଦୋକାନରେ ଖୁଲୁମ୍ ଖୁଲା ବିକ୍ରି ଚାଲିଛି ଏ ସବୁ ଦୋକାନ କୁ ତଦନ୍ତ କରି ଜିଲ୍ଲା ପ୍ରଶାସନ ଦୋକାନ ମାନଙ୍କୁ ନିଶା ବନ୍ଦ କଲେ ଭଲ ହେବ ବୋଲି ଲୋକଙ୍କ ଅଭିଯୋଗ ହେଉଛି ।

# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଯାପିତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ସୁନ୍ଦରପୁର ରଜ ମହୋତ୍ସବ ମଙ୍ଗଳବାର ସଂଧ୍ୟାରେ ନୃତ୍ୟ ସଙ୍ଗୀତର ଆସର ଭିତରେ ଉଦ୍‌ଯାପିତ ହୋଇ ଯାଇଛି । ଚଳିତ ୨୦୨୬ରେ ରଜକୁଇନ ଭାବେ ସବଜୁନିଅରରେ ଦିବ୍ୟାଂଶୀ ମଲ୍ଲିକ, ଜୁନିଅରରେ ବିଷ୍ଣୁପ୍ରିୟା ପ୍ରଧାନ ଓ ସିନିଅରରେ କଲ୍ୟାଣୀ ପ୍ରଧାନ ଙ୍କୁ ରୁପା ମୁକୁଟ ପ୍ରଦାନ କରାଯାଇଛି । ଏହା ବ୍ୟତିତ ବିଭିନ୍ନ ବିଭାଗରେ ରନର୍ସ ଅପ ଭାବେ ଦିପାଂଶୀ ବେହେରା, ଏଲଏନଭି ପ୍ରଧାନ, ତନିଷ୍କା ବେହେରା, ସାଇ ଦିବ୍ୟାଂଶୀ ନାୟକ, ଶୁଭସ୍ମିତା ପାତ୍ର, ସାଇପ୍ରିୟା ଘଡେଇ, ସୋମାଲିନ ଜେନା, ସୁବାସିନୀ ଜେନା, ମନିଷା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରଜ ମହୋତ୍ସବ କମିଟି ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଆର୍ମି ଅଧିକାରୀ ଅଭିମନ୍ୟୁ ରାଉତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ପାଣି, ସୁକାନ୍ତ କୁମାର ଜେନା, ଡା ହରେକୃଷ୍ଣ ରାଉତ, ନନ୍ଦ କିଶୋର ସାହୁ, ପିତବାସ ମୁଖୀ, ନିଲମ ରାଉତ, ସୁଲୋଚନା ଭୋଳ, ସୁରେନ୍ଦ୍ର ପ୍ରସାଦ ସାହୁ, ବାଲ୍ମିକୀ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗାୟିକା ସଞ୍ଜୁ ମହାନ୍ତିଙ୍କ ଦ୍ୱାରା ପରିବେଶିତ ସଙ୍ଗିତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ରଜମହୋତ୍ସବ କମିଟିର ସମସ୍ତ ସଭ୍ୟ ୪ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରଥଯାତ୍ରା ପାଇଁ ନୟାଗଡ଼-ପୁରୀକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ଦାବି

ନୟାଗଡ଼(ନିପ୍ର): ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ନୟାଗଡ଼ ସହରରୁ ପୁରୀକୁ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବା ପାଇଁ 'ନୟାଗଡ଼ ନାଗରିକ ମଂଚ' ପକ୍ଷରୁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ନିକଟରେ ଦାବି କରାଯାଇଛି । ନାଗରିକ ମଂଚ ପକ୍ଷରୁ ଡି.ଆର.ଏମ.ଙ୍କୁ ଦିଆଯାଇଥିବା ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରଥଯାତ୍ରା ସମୟରେ ନୟାଗଡ଼ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ



ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଇଥାନ୍ତି । ଯଦିଓ ରେଳ ବିଭାଗ ପକ୍ଷରୁ ଦଶପଲ୍ଲାରୁ ପୁରୀକୁ ୩ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳର ବ୍ୟବସ୍ଥା କରାଯାଉଛି, ମାତ୍ର ଦଶପଲ୍ଲାରୁ ଆସୁଥିବା ଏହି ଟ୍ରେନଗୁଡ଼ିକରେ ପ୍ରବଳ ଭିଡ଼ ରହୁଛି । ଫଳରେ ନୟାଗଡ଼ ଟାଉନ୍ ଷ୍ଟେସନରେ ପହଂଚିବା ବେଳକୁ ଏଥିରେ ସ୍ଥାନ ଅଭାବରୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ଟ୍ରେନରେ ଚଢ଼ି ନପାରି ନିରାଶ ହୋଇ ଘରକୁ ଫେରୁଛନ୍ତି । ଶ୍ରଦ୍ଧାଳୁଙ୍କ ଆବେଗ ଓ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଚଳିତ ରଥଯାତ୍ରା ସମୟରେ ନୟାଗଡ଼ ଟାଉନ୍ ଷ୍ଟେସନରୁ ସ୍ୱତନ୍ତ୍ର ଭାବେ ପୁରୀ ଅଭିମୁଖେ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନାଗରିକ ମଂଚର ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ପ୍ରଦୀପ କୁମାର ସାହୁ, ସଦସ୍ୟ ଅଜିତ କୁମାର ମିଶ୍ର, କୈଳାସ ଚନ୍ଦ୍ର ରଥ, ଶ୍ରୀଧର ନାୟକ, ଅନ୍ତର୍ଯ୍ୟାମୀ ମହାନ୍ତି ତଥା ସମାଜସେବୀ ଶେଖ ଅବଦୁଲ ଆହାଦ ପ୍ରମୁଖ ରେଳ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଷ୍ଟେସନ ପରିଚାଳକଙ୍କ ମାଧ୍ୟମରେ ଦାବି କରିଛନ୍ତି ।

# ଗଞ୍ଜାମ ଜିଲ୍ଲାର ୧, ୭୦, ୨୯୫ ଜଣ ହିତାଧିକାରୀଙ୍କୁ ମିଳିଲା ୩୪ କୋଟି ୫ଲକ୍ଷ ୯୦ ହଜାର ଟଙ୍କା

ଛତ୍ରପୁର,(ନି.ପ୍ର.): ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୩ତମ କିସ୍ତି ପ୍ରଦାନ କରାଯାଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି । ଗଞ୍ଜାମ ଜିଲ୍ଲାର ୧,୭୦,୨୯୫ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୪ କୋଟି ୫ ଲକ୍ଷ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ରାଜ୍ୟର ୩୪.୬ ଲକ୍ଷରୁ ଅଧିକ କୃଷକ ପରିବାରଙ୍କୁ ୬୯୩ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି । ଏହା କୃଷକମାନଙ୍କୁ କୃଷି କାର୍ଯ୍ୟରେ ସହାୟକ ହେବ ।ଶନିବାର ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ତାରକେଶ୍ୱର ଠାରେ ଆୟୋଜିତ ଜାତୀୟସ୍ତରର ପିଏମ କିଷାନ ଉତ୍ସବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷକ ପରିବାରମାନଙ୍କୁ ପିଏମ୍-କିଷାନର ଏହି କିସ୍ତି ଅର୍ଥ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ



ମାଧ୍ୟମରେ ଦେଶର କୃଷକମାନଙ୍କୁ ଉଦ୍ ?ବୋଧନ କରିବା ସହ ପ୍ରାକୃତିକ ପ୍ରଣାଳୀରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥିତ ଜିଲ୍ଲାପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ କିଷାନ ଉତ୍ସବ ସମାରୋହରେ ପଶ୍ଚିମବଙ୍ଗର ତାରକେଶ୍ୱରରୁ ସିଧା ପ୍ରସାରଣ ଏଲଏଇଡି ପରଦା ମାଧ୍ୟମରେ ପ୍ରସାରିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣି ଜିଲ୍ଲାର କୃଷକ ଭାଇଭଉଣୀମାନେ ଖୁସି ଜାହିର କରିଥିଲେ । ସୂଚନା ଯୋଗ୍ୟ ଯେ, ପିଏମ୍-କିଷାନ ଯୋଜନାରେ କେନ୍ଦ୍ର ସରକାର ପ୍ରତି କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ୩ଟି କିସ୍ତିରେ ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଏକ କୃଷକ କଲ୍ୟାଣକାରୀ ଯୋଜନା ଅଟେ । ଖରିଫ ଓ ରବି ଚାଷ ଋତୁ ଆରମ୍ଭ ପୂର୍ବରୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିହନ, ସାର ଓ ଔଷଧ କ୍ରୟ କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ୨୦୧୯ ମସିହା ୨ଫେବୃଆରୀରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ସଂଯୋଜିତ ବିଭାଗର ଅଧିକାରୀ ଯଥା ପ୍ରଶାନ୍ତ କୁମାର ନାଥ, ହେମନ୍ତ ଦାସ, ଶରତ କୁମାର ଦାସ, ସତ୍ୟବ୍ରତ ଦାସ, ହିମାଂଚଳ ସାହୁ, ଭରତ ଭୂଷଣ ସାହୁ, ଯୁନ୍ମୟୀ ମହାନ୍ତି, ଡକ୍ଟର ଏସ୍.କେ ନାୟକ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ଦାଶ, ସମେତ କୃଷି ବିଭାଗର ଅଧିକାରୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ । କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା ।ବ୍ଲକଭିତିକ ହିତାଧିକାରୀଙ୍କ ମଧ୍ୟରେ ଦିଗପହଣ୍ଡି ବ୍ଲକର ସର୍ବାଧିକ ୧୪,୨୭୭ କୃଷକ ପରିବାର ଏହି କିସ୍ତିର ସୁବିଧା ପାଇଥିବା ବେଳେ ସାନଖେମୁଣ୍ଡିରେ ୧୧,୩୩୨, ଖଲ୍ଲିକୋଟରେ ୧୦,୨୨୬, ସେରଗଡ଼ରେ ୯,୯୬୭ ଏବଂ ଜଗନ୍ନାଥପ୍ରସାଦରେ ୮,୯୯୫ ଜଣ କୃଷକ ଉପକୃତ ହୋଇଛନ୍ତି । ସେହିପରି ପୋଲସରାରେ ୮,୭୪୦, ପୁରୁଷୋତମପୁରରେ ୮,୬୪୦, ବେଗୁନିଆପଡ଼ାରେ ୮,୬୧୮, ସୁରଡ଼ାରେ ୮,୨୮୫ ଏବଂ ଆସିକାରେ ୮,୧୯୪ ଜଣ କୃଷକ ପରିବାରଙ୍କ ଖାତାକୁ ସହାୟତା ରାଶି ପହଂଚିଛି । ଜିଲ୍ଲାର ସମସ୍ତ ୨୨ଟି ବ୍ଲକର ଯୋଗ୍ୟ କୃଷକପରିବାରମାନେ ଏହି ଯୋଜନାର ସୁବିଧା ପାଇଛନ୍ତି । ଆସନ୍ତା ଖରିଫ ଋତୁରେ ଏହି ସହାୟତା ରାଶି କୃଷକମାନଙ୍କୁ ବିହନ, ସାର ଓ କୃଷି ଉପକରଣ କ୍ରୟରେ ସହାୟକ ହେବ । ସିଏମ୍-କିଷାନ ଯୋଜନାରେ ଥାଇ ମଧ୍ୟ ପିଏମ୍-କିଷାନରୁ ବଂଚିତ ଥିବା ଯୋଗ୍ୟ ଚାଷୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାରେ ପିଏମ୍-କିଷାନ ସାଚୁରେସନ ଡ୍ରାଇଭ୍ ଚାଲିଛି । ସେହିପରି ଏହି ଯୋଜନାରେ ସାମିଲ ହେବା ପାଇଁ ଏଗ୍ରି-ଷ୍ଟାକ୍ କୃଷକ ପଞ୍ଜିକରଣ ବାଧ୍ୟତାମୂଳକ କରାଯାଇଛି । ଏଗ୍ରି-ଷ୍ଟାକ୍ ହେଉଛି କୃଷକଙ୍କ ପାଇଁ ଏକ ସମନ୍ୱିତ ଡିଜିଟାଲ ବ୍ୟବସ୍ଥା, ଯାହା ମାଧ୍ୟମରେ କୃଷି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସେବାକୁ ଏକ ପ୍ଲାଟଫର୍ମରେ ଯୋଡ଼ାଯାଏ ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତିଅବସରରେ 'ବିକାଶର ଧାରା ଓଡ଼ିଶା ସାରା'ର ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ

ବାଲିଆପାଳ,(ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ସରାକରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ 'ବିକାଶର ଧାରା ଓଡ଼ଶା ସାରା' ର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟୀକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ଦ୍ୱାରା ୨ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନାର ସଫଳ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଖଗେନ୍ଦ୍ର ନାଥ ଜେନା , ଏମପି ଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, କୃଷ୍ଣ ଚନ୍ଦ୍ର ପିଲିଲି ମହାବିଦ୍ୟାଳୟର ତର୍କଶାସ୍ତ୍ର ଓ ଫିଲୋସଫି ବିଭଗର ଅଧ୍ୟାପକ ଅଭିଲାଷ ବେହେରା ପ୍ରମୁଖ



ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବାଲିଆପାଳ ବ୍ଲକରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏସ ସି ବର୍ଗରେ ସର୍ବୋଚ ନମ୍ବର ରଖିଥିବା ରାମ ପ୍ରାସାଦ ନୋଡାଲ ହାଇସ୍କୁଲର ଜୟନ୍ତ ଜେନା, ଶ୍ରୀହରି ଚରଣ ହାଇସ୍କୁଲ ଦେଭୋଗର ସନ୍ଦିପ୍ତା ନାୟକ ଓ ରୁଦ୍ରପ୍ରତାପ ମାହାନା ଙ୍କ ସହିତ ବାଲିଆପାଳ ସରପଂଚ ବନଲତା ଦାସ, ମଧୁପୁରା ସରପଂଚ ଗୀତାରାଣୀ ମାହାନ, ଜାମକୁଣ୍ଡା ସରପଂଚ କାଂଚନବାଳା ମହାନା,ବିଷ୍ଣୁପୁର ସରପଂଚ ମହେଶ୍ୱ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ରାଷ୍ଟ୍ରୀୟ ଓ ରାଜ୍ଯ ସଙ୍ଗୀତ ଗାନ ପରେ କର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବାଲିଆପାଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦିତ କୁମାର ମାହାପାତ୍ର ଅତିଥି ମାନଙ୍କୁ ମଂଚଆହ୍ୱାନ କରିବା ସହିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିପିଡିଓ ପ୍ରିୟବ୍ରତ ଗିରିଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରୀତମ ସାହୁ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ,ଯୋଗାଣ ଅଧିକାରୀ ବିଷ୍ଣୁପଦ ମହାରଣାଙ୍କ ସହିତ ବାଲିଆପାଳ ବ୍ଲକର ବିଭିନ୍ନ ବିଭାଗର ସମସ୍ତ କର୍ମଚାରୀ, ଅଙ୍ଗନଓ୍ୱାଡି କର୍ମୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ୨୦୨୬

ଝାରସୁଗୁଡ଼ା(ନି.ପ୍ର.), ଜିଲ୍ଲାସ୍ତରୀୟ ପିଏମ୍-କିସାନ ଉତ୍ସବ-୨୦୨୬ ଅବସରରେ ଆଜି ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର କୋଟି କୋଟି ଚାଷୀଙ୍କ ପାଇଁ ପିଏମ୍-କିସାନ ଯୋଜନାର ପରବର୍ତୀ କିସ୍ତି ରାଶି ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଓଡ଼ିଶାର ୩୪.୬ ଲକ୍ଷରୁ ଅଧିକ ଚାଷୀ ଭାଇ ଓ ଭଉଣୀମାନଙ୍କ ଖାତାକୁ ୨୩ତମ କିସ୍ତି ବାବଦରେ ମୋଟ ୬୯୩ କୋଟି ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ସହାୟତା ରାଶି ଚାଷୀମାନଙ୍କ କୃଷି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହିତ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ ବିଶେଷ ସହାୟକ ହେବ ।ପିଏମ୍-କିସାନ ଯୋଜନା ଅଧୀନରେ ଯୋଗ୍ୟ ଚାଷୀମାନଙ୍କୁ ବର୍ଷକୁ ୬,୦୦୦ ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଉଛି । ଏହାଦ୍ୱାରା ଚାଷୀମାନେ କୃଷି ଉପକରଣ



କ୍ରୟ, ବିହନ, ସାର ଏବଂ ଅନ୍ୟାନ୍ୟ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପାଉଛନ୍ତି । ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ପିଏମ୍ କିସାନ ଉତ୍ସବ ଦିବସରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ଳୋକ ଶର୍ମା ଏବଂ ଝାରସୁଗୁଡ଼ା ସାଧାରଣ ସମ୍ପାଦକ ପ୍ରେମସେନ ରାଏ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୨୩ତମ କିସ୍ତି ବାବଦରେ ଝାରସୁଗୁଡ଼ା ଜିଲ୍ଲାର ସର୍ବମୋଟ ୩୪,୦୮୬ ଜଣ ଚାଷୀ ଉପକୃତ ହୋଇଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଖାତାକୁ ସର୍ବମୋଟ ୬ କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ବ୍ଲକୱାରୀ ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବ୍ଲକର ୪,୬୩୫ ଜଣ, କିର୍ମୀରା ବ୍ଲକର ୫,୫୩୯ ଜଣ, କୋଲାବିରା ବ୍ଲକର ୫,୮୫୬ ଜଣ, ଲାଇକେରା ବ୍ଲକର ୬,୯୫୯ ଜଣ ଏବଂ ଲଖନପୁର ବ୍ଲକର ୧୧,୦୯୭ ଜଣ ଚାଷୀ ଏହି ଯୋଜନାରେ ଲାଭବାନ ହୋଇଛନ୍ତି । ଏହିପରି ସର୍ବମୋଟ ୬କୋଟି ୮୧ ଲକ୍ଷ ୭୨ ହଜାର ହିତାଧିକାରୀଙ୍କ ବ୍ୟାଙ୍କ ଖାତା କୁ ଆସିଛି ।

# ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ

ପୁରୀ (ନି.ପ୍ର.) ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ ।ଏହା କୌଣସି ସମୟରେ ମଧ୍ୟ ଆସିପାରେ । ପ୍ରାକୃତିକ ବିପର୍ଯ୍ୟୟ କୁ ରୋକା ଯାଇ ପାରିବ ନାହିଁ ।କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତି କୁ ରୋକିବା ସହ ବିପର୍ଯ୍ୟୟ କୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ।ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ ଏକ୍ସରସାଇଜ ବା ଅଭ୍ୟାସ - ୨୦୨୬ ଅନୁଷ୍ଠିତ ହୋଇଥିଲା ।ଓସଡମା ର ସହଯୋଗ ଓ ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ ।ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ ।ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତୀ କାର୍ଯ୍ୟସୂଚୀ ର ମାର୍ଗଦର୍ଶିକା ଆଧାର ରେ ବାରମ୍ବାର ଅଭ୍ୟାସ ଓ ସାଧାରଣ ଜନତା ଙ୍କୁ ସଚେତନ କରାଇବା ସମ୍ପର୍କରେ ଶ୍ରୀ ବେହେରା ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକ ର ସ୍ଥିତି ଅନୁଧ୍ୟାନ, ଶୌଚାଳୟ , ପାନୀୟ ଜଳ,ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦି କୁ ବହୁ ପୂର୍ବରୁ ନିରୀକ୍ଷଣ ଓ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମତ ଦେଇଥିଲେ ।ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଅଗ୍ନିଶମ ବିଭାଗ ସେମାନଙ୍କ ପାଖରେ ଉପଲବ୍ଧ ଯନ୍ତ୍ରପାତି ଗୁଡିକୁ ତନଖି ସାରିବା ସହ ଅତ୍ୟାଧୁନିକ ଯନ୍ତ୍ରପାତି ଗୁଡିକ ସମ୍ପର୍କରେ ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ ।ସେହିପରି ସ୍ୱାସ୍ଥ୍ୟ, କୃଷି, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ମତ୍ସ୍ୟ, ପ୍ରାଣୀ ସମ୍ପଦ,ଆରକ୍ଷୀ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା,ଜିଲ୍ଲା ଶିକ୍ଷା ବିଭାଗ,ଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ, ୱାଟକୋ, ଗ୍ରାମ୍ୟ ଜଳ ଯୋଗାଣ, ଜଳସେଚନ, ପୂର୍ତ୍ତ, ଡ୍ରେନେଜ ବିଭାଗ, ଏନଡିଆରଏଫ ପକ୍ଷରୁ ସେମାନଙ୍କ ବିଭାଗର କାର୍ଯ୍ୟ ଧାରା ଓ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ସେମାନଙ୍କ ବିଭାଗର ଦାୟିତ୍ୱ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟ ର ସଠିକ ନିର୍ବାହ ସହ ଯେମିତି ବିପର୍ଯ୍ୟୟ ସମୟରେ ଉନ୍ନତ ସେବା ଯୋଗାଇ ଦେବେ ସେଥିପାଇଁ ପୂର୍ବ ପ୍ରସ୍ତୁତି କୁ ଚୁଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ସମ୍ପିତ ଶତପଥୀ,ଓସଡମା ପକ୍ଷରୁ ଝଜଉ ଙ୍କ ଓସଡି ସୁରଞ୍ଜିକା ବେହେରା,ପୁରୀ ମହାନଗର ନିଗମର ଅତିରିକ୍ତ ଯୁଗ୍ମ କମିଶନର ଅରିଜିତ ନାୟକ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଘଉଜର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଆସନ୍ତା କାଲି ମକ ଡ୍ରିଲ ସମସ୍ତ ବ୍ଲକର ୧୭୯ ଗୋଟି ବହୁମୁଖୀ ଆଶ୍ରୟ ସ୍ଥଳ ମଧ୍ୟରୁ ୧୭୬ ଟିରେ ପୂର୍ବାହ୍ନ ୮ ଘଟିକା ରେ କରାଯିବ ।ପୂର୍ବରୁ ୩ଟି ଆଶ୍ରୟ ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଦର ମହକୁମା ର ସର୍କିଟ ହାଉସ ଠାରେ ମଧ୍ୟ ଅନୁରୂପ ଭାବେ ମକ ଡ୍ରିଲ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ ।ଏ ସମ୍ପର୍କରେ ସମସ୍ତ ବିଡ଼ିଓ ମାନଙ୍କ ସହ ଗତ କାଲି ଅପରାହ୍ନ ରେ ଆଭାସୀ ମାଧ୍ୟମରେ ଆଲୋଚନା କରାଯାଇଥିଲା ବୋଲି ଡେପୁଟି କଲେକ୍ଟର ଶ୍ରୀ ଗନ୍ତାୟତ କହିଥିଲେ ।

# ବୟାଙ୍ଗଡିହି ପଂଚାୟତରେ ବିଭିନ୍ନ କାର୍ଯ୍ୟର ଅନିୟମିତତା ଅଭିଯୋଗ

ଧାମନଗର,(ନି.ପ୍ର.): ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଂଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନ ହୋଇନଥିବା ବେଳେ ଫଲ୍ସ ବିଲ କରି ସରକାରୀ ଅର୍ଥ ଉଠାଯାଇଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଶୁକ୍ରବାର ଏକ ପ୍ରତିନିଧି ଦଳ ଧାମନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ।ଅଭିଯୋଗ ଅନୁଯାୟୀ, ଖଗେଶ୍ୱର ମହାପାତ୍ରଙ୍କ ବାଡ଼ିଠାରୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ମାଟି କାମ ହୋଇନଥିବା ବେଳେ ପ୍ରାୟ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ ପାସ୍ ହୋଇ ପେମେଂଟ ହୋଇସାରିଛି । ସେହିପରି ନୂଆହାଟ ଠାରୁ ବିଷ୍ଣୁ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ନାଳି ଗୋଡ଼ି କାମରେ ମଧ୍ୟ ଅନିୟମ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ କାର୍ଯ୍ୟ ପାଇଁ ଆବଶ୍ୟକ ଫିଜିବିଲିଟି ଯାଂଚ ହୋଇନଥିବା ବେଳେ କିଛି ବ୍ୟକ୍ତିଗତ ଜମିରେ କାମ କରାଯାଇ ପ୍ରାୟ ୭ ଲକ୍ଷ ଟଙ୍କାର ବିଲ କରିନେବାକୁ



ଉଦ୍ୟମ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଏହି ଅଭିଯୋଗପତ୍ରରେ ଜିଲ୍ଲା ପରିଷଦ ସଭ୍ୟା ଟୁନିବାଳା ବିଶ୍ୱାଳ, ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସମେତ ନିରୋଦ ମହାପାତ୍ର, ସୁରେଶ ମଳିକ, ବାଦଲ ମଳିକ, ପ୍ରଦୀପ ନାୟକ, ରୋଶନ ଖାଁ ଓ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।ଅଭିଯୋଗ ପାଇବା ପରେ ଧାମନଗର ବିଡିଓ ବନ ବିହାରୀ ଦିଣ୍ଡା ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ । ଏନେଇ ଧାମନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତ କାର୍ଯ୍ୟଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ଏବଂ ଖୁବଶୀଘ୍ର କରାଯିବ । କାମ ପାଇଁ ମଷ୍ଟର ରୋଲ ଖୋଲିବା ନିମନ୍ତେ ଡିମାଣ୍ଡ ଦିଆଯାଇଛି ମାତ୍ର, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଟଙ୍କା ଉଠାଯାଇନାହିଁ । କାମ ସମ୍ପନ୍ନ ହେବା ପରେ ଏମ୍ଏମ୍ଏସ୍ ଏବଂ ଜିଓ-ଟ୍ୟାଗ୍ ଫଟୋ ଅପଲୋଡ୍ କରାଯିବ, ତା'ପରେ ଶ୍ରମିକମାନଙ୍କ ମଜୁରି ବା ଲେବର କଷ୍ଟ ପ୍ରଦାନ କରାଯିବ । ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାମର ପ୍ରମାଣ ସ୍ୱରୂପ ଜିଓ-ଟ୍ୟାଗ୍ ? ଫଟୋ ଓ ଅନ୍ୟାନ୍ୟ ତଥ୍ୟ ଅପଲୋଡ୍ ନ ହୁଏ, ତେବେ ସିଷ୍ଟମରେ ମଷ୍ଟର ରୋଲ ସ୍ୱୟଂଚାଳିତ ଭାବେ 'ଆପସେଂଟ' ହୋଇଯିବ । ସେହି କାରଣରୁ ମଷ୍ଟର ରୋଲ ପାଇଁ ପୂର୍ବରୁ ଡିମାଣ୍ଡ ହୋଇଥିବାରୁ ସିଷ୍ଟମରେ ଲେବର କଷ୍ଟ ୧ଲକ୍ଷ ୪୬ହଜାର ଦେଖାଯାଉଛି ବୋଲି ଜେଇ ଶ୍ରୀ ବେହେରା ସ୍ପଷ୍ଟ କରିଛନ୍ତି ।

# କଟକ ଡିଭିଜନ ବୀମା କର୍ମଚାରୀ ସଂଘର ୭୦ ତମ ବାର୍ଷିକ ସାଧାରଣ ସମ୍ମିଳନୀ ଉଦ୍‌ଘାଟିତ

କଟକ: (ନି. ପ୍ର.)କଟକ ଡିଭିଜନ ବୀମା କର୍ମଚାରୀ ସଂଘର ୭୦ତମ ବାର୍ଷିକ ସାଧାରଣ ସମ୍ମିଳନୀର ଖୋଲା ଅଧି ଅବେଶନ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଅଖିଳ ଭାରତ ବୀମା କର୍ମଚାରୀ ସଂଘର ସଭାପତି ଶ୍ରୀଯୁକ୍ତ ଧର୍ମରାଜ ମହାପାତ୍ର ଉକ୍ତ ସମ୍ମିଳନୀକୁ ଉଦଘାଟନ କରି ବୀମା କ୍ଷେତ୍ରରେ ୧୦୦% ବିଦେଶୀ ପୁଞ୍ଜି ଓ ଏଲ୍ ଆଇ ସି ରେ ୨୦% ବିଦେଶୀ ପୁଞ୍ଜିକୁ ତୀବ୍ର ନିନ୍ଦା କରିବା ସହିତ ଏହା ଦେଶବାସୀଙ୍କ ସଂଚୟ ଉପରେ ସିଧା ଆକ୍ରମଣ ବୋଲି ଆରୋପ କରିଥିଲେ ଓ କଠୋର ଶ୍ରମ କୋଡକୁ ଲାଗୁ କରିବା ଓ ମନରେଗା ବଦଳରେ ଭିବି ଜି ରାମଜୀର ପ୍ରଚଳନ ଦେଶର ଶ୍ରମିକ ମାନଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଇଷ୍ଟ ସେଂଟ୍ରାଲ ଜୋନ ବୀମା କର୍ମଚାରୀ ସଂଘର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ମୁଖାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ନୀତି ସାଧାରଣ ଜନତା ସପକ୍ଷ ପରିବର୍ତେ ପୁଞ୍ଜିବାଦୀ ସପକ୍ଷରେ ନିର୍ଦ୍ଧାରଣ କରାଯାଉଛି ବୋଲି କହିଥିଲେ ଓ ଦେଶରେ ଉତ୍କଟ ବେକାରୀ ସମସ୍ୟା ଥିବା ସମୟରେ ବିଭିନ୍ନ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ଘୋର ନିନ୍ଦା କରିବା ସହିତ ତୁରନ୍ତ ଖାଲି ପଦବୀ ପୂରଣ କରିବା ଓ ଏଲ ଆଇ ସି ରେ ନୂତନ ନିଯୁକ୍ତି ପାଇଁ ଦାବୀ କରିଥିଲେ । କଟକ ଡିଭିଜନ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ରୀଯୁକ୍ତ ଅସୀମ କୁମାର ବୀମା ଧାରକଙ୍କୁ ଉନ୍ନ ?ତ ସେବା ପ୍ରଦାନ କରିବା ସ ?ହିତ ଏଲ ଆଇ ସି କୁ ବିଶ୍ୱର ସର୍ବୋତମ ବୀମା ସଂସ୍ଥାରେ ପରିଣତ କରିବାକୁ ଆହ୍ୱାନ କରିଥିଲେ ଓ ଅଖିଳ ଭାରତ ବୀମା କର୍ମଚାରୀ ସଂଘର ଓଡ଼ିଶାରେ ଥିବା ଅନ୍ୟ ଚାରୋଟି ସଂଗଠନର ନେତୃବୃନ୍ଦ ଶ୍ରୀ ରାମାକାନ୍ତ ଦାଶ, ଶ୍ରୀ ସନ୍ତୋଷ ରଥ, ଶ୍ରୀ ମୀନ ରଞ୍ଜନ ବିଶି, ଶ୍ରୀ ଦେବାଶିଷ ନାୟକ ସରକାରଙ୍କ ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ନୀତି ତଥା ଅଗଣତାନ୍ତ୍ରିକ ଶାସନତନ୍ତ୍ରକୁ ସମାଲୋଚନା କରିଥିଲେ । ପେନସନର ସଂଘର ସମ୍ପାଦକ ଶ୍ରୀ ମାନଗୋବିନ୍ଦ ବାରିକ, ଅନ୍ୟାନ୍ୟ ଭାତୃପ୍ରତିମ ସଂଗଠନର ନେତୃବୃନ୍ଦ ଏହି ମଧ୍ୟରେ ରବୀନ୍ଦ୍ରନାଥ ଧଳ, ଫଣୀ ଭୂଷଣ ତ୍ରିପାଠୀ, ରବିନାରାୟଣ ମଲ୍ଲିକ, ପ୍ରକାଶ ରାୟ, କାଳୀକିଙ୍କର ସାହୁ, ଜ୍ଞାନେନ୍ଦ୍ର ମିଶ୍ର, ଦେଶ ରଞ୍ଜନ ମହାପାତ୍ର ପ୍ରମୁଖ ତାଙ୍କ ବକ୍ତବ୍ୟରେ ସରକାରଙ୍କ ଆର୍ଥିକ ତଥା ବିଦେଶ ନୀତିର କୁଫଳ ବର୍ଣ୍ଣନା କରିଥିଲେ ଓ ସଂଘର ସାଧାରଣ ସମ୍ପାଦକ ଶ୍ରୀ ଅଭୟ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ସେବା ନିବୃତ ଉପ ସଭାପତି ଶ୍ରୀ ପ୍ରଶାନ୍ତ କୁମାର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ମିଳନୀ ସଭାକୁ ପରିଚାଳନା କରିଥିଲେ ସଂଘର ସଭାପତି ଶ୍ରୀଯୁକ୍ତ ଡଃ ସନ୍ତୋଷ କୁମାର ମହାପାତ୍ର । ପରିଶେଷରେ ସଂଘର ଯୁଗ୍ମ ସଭାପତି ଶ୍ରୀ ନିହାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାନଝରୀ ଗ୍ରାମ ପଂଚାୟତରେ ବିନ୍ଦୁମିନା ସେବା ଫାଉଣ୍ଡେସନ ପକ୍ଷରୁ ଛତା ଓ ଚପଲ ବଂଟନ

ଗୋଲାମୁଣ୍ଡା,(ନି.ପ୍ର.) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରୀ ଗ୍ରାମ ପଂଚାୟତରେ ଆଜି ଏକ ବଦାନ୍ୟତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳର ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇ ପ୍ରଶଂସନୀୟ କାର୍ଯ୍ୟ କରିଛି 'ବିନ୍ଦୁମିନା ସେବା ଫାଉଣ୍ଡେସନ' । ଫାଉଣ୍ଡେସନ ତରଫରୁ ମାନଝରି ଗ୍ରାମ ପଂଚାୟତ ର ଗରିବ ବୃଦ୍ଧ ବୃଦ୍ଧା, ବିଧବା ମାଁ, ଦିବ୍ୟାଙ୍ଗ ଏବଂ ଅସହାୟ ମାଁ-ବାପାଙ୍କୁ ମିଶାଇ ସମୁଦାୟ ୮୦୯ ଜଣଙ୍କୁ ଛତା ଓ ଚପଲ ବଂଟନ କରାଯାଇଛି ।ଏହି ସେବାମୂଳକ ବଂଟନ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ନିଜ ହାତରେ ସମସ୍ତ ହିତାଧିକାରୀଙ୍କୁ ଏହି ସାମଗ୍ରୀ ବଂଟନ କରିଥିଲେ । ଏହି ଅବସରରେ ଶ୍ରୀ ମହାନନ୍ଦ ପ୍ରକାଶ କରିଛନ୍ତି ଯେ, ଗୋଲାମୁଣ୍ଡା ବ୍ଲକର ସମସ୍ତ ଗ୍ରାମ ପଂଚାୟତଗୁଡ଼ିକରେ ପର୍ଯ୍ୟାୟ



କ୍ରମେ ଏହି ବଂଟନ କାର୍ଯ୍ୟ ଜାରି ରହିବ ।ଆଜିର ଏହି କାର୍ଯ୍ୟକ୍ରମରେ ଅଂଚଳର ବିଶିଷ୍ଟ ବ୍ୟକ୍ତି ଜୟନ୍ତ ସିଂ, ସୁଧାଂଶୁ ମୁଣ୍ଡ, ଜଗୁଜୀବନ ଅଘରିଆ, ମନୋଜ ଅଗ୍ରୱାଲ, ଗଙ୍ଗାବିଷ୍ଣୁ ମୁଣ୍ଡ,ରାଇଚନ ନାଏକ, ଅଶ୍ୱିନ ମଲ୍ଲିକ,ପଙ୍କଜ ସାହୁ,ରାଇଚନ ଅଘରିଆ, ବିଦ୍ୟା ସାହୁ,ଉପେନ୍ଦ୍ର ମଲ୍ଲିକ, ସାଧୁରାମ ବଗର୍ତି, ଚତୁର୍ଭୁଜ ଅଘରିଆ ଏବଂ ବିଘ୍ନେରାମ ତେଜି ପ୍ରମୁଖ ଉପସ୍ଥିତ ରହି ଏହି ମହତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଫାଉଣ୍ଡେସନର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଆଜି ବିଶ୍ୱ ଯୋଗ ଦିବସ ଅବସରରେ ଜବଲପୁର ଗସ୍ତ କରିବେ ରାଷ୍ଟ୍ରପତି

ଜବଲପୁର : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସନ୍ଧ୍ୟାରେ ମଧ୍ୟପ୍ରଦେଶ ଗସ୍ତରେ ଜବଲପୁରରେ ପହଂଚଛନ୍ତି । ସେ ରବିବାର ଦିନ ଏଠାରେ ବିଶ୍ୱ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଜବଲପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସନ୍ଧ୍ୟା ୬ଟାରେ ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ କଲାଇକୁଣ୍ଡା ବିମାନବନ୍ଦରରୁ ଜବଲପୁରରେ ପହଂଚିଛନ୍ତି । ଦୁମନା ବିମାନ ବନ୍ଦରରେ ରାଜ୍ୟପାଳ ମାଙ୍ଗୁଭାଇ ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେଓରା ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ । ଜବଲପୁର ବିମାନ ବନ୍ଦରରୁ ରାଷ୍ଟ୍ରପତି ସର୍କିଟ ହାଉସ ନମ୍ବର ୧ରେ ପହଂଚିବେ ଏବଂ ଏକ ରାତି ବିରତି ପରେ ରବିବାର ସକାଳ ୭ଟା ୩୦ ମିନିଟରୁ ସଦରର ଗାରିସନ ଗ୍ରାଉଣ୍ଡରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।



# କୋଲହାପୁରରେ ଏକ ଜନସଭାକୁ ସମ୍ବୋଧିତ କଲେ ଅମିତ ଶାହ



ନୂଆଦିଲ୍ଲୀ: କୋଲହାପୁରରେ ଏକ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉଦ୍ଧବ ଠାକରେ ଏବଂ କଂଗ୍ରେସକୁ ଟାର୍ଗେଟ କରି ଘୋଷଣା କରିଛନ୍ତି ଯେ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡିତ କରାଯିବ । ଏହି ଦେଶ ଧର୍ମଶାଳା ନୁହେଁ; ଏଠାରେ ଜନ୍ମ ହୋଇଥିବା ଲୋକମାନେ କେବଳ ଏଠାରେ ରହିବେ । ଅମିତ ଶାହ କହିଥିଲେ ଯେ, ଦେଶ ସାରା ଥିବା ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବାହାର କରାଯିବ । ଉଦ୍ଧବଜୀ କଂଗ୍ରେସ ସହିତ ସହଭାଗୀ ହୋଇଛନ୍ତି; ସେ ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କରେ ପରିଣତ କରି ବଂଚିବାକୁ ଚାହୁଁଛନ୍ତି । ଧ୍ୟାନ ଦେଇ ଶୁଣନ୍ତୁ: ଏହା କୌଣସି ଧର୍ମଶାଳା ନୁହେଁ; କେବଳ ଏହି ଦେଶରେ ଜନ୍ମଗ୍ରହଣ କରିଥିବା ଲୋକମାନେ ଏଠାରେ ରହିବେ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ସୁରକ୍ଷା ସୁନିଶ୍ଚିତ କରାଯିବ । ଅମିତ ଶାହ ପଶ୍ଚିମବଙ୍ଗର କଥା ମଧ ଉଲ୍ଲେଖ କରି କହିଥିଲେ ଯେ ସେଠାକାର ଲୋକମାନେ ବିଜେପିକୁ ଆଶୀର୍ବାଦ ଦେଇଛନ୍ତି । ସେ ପ୍ରତିଶ୍ରୁତି ଦେଇଥିଲେ ଯେ ବଙ୍ଗଳାର ସୀମା ଦେଇ ଅନୁପ୍ରବେଶକୁ ରୋକା ଯିବ ଏବଂ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବାହାର କରାଯିବ । ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବେ ଏକ ରେକର୍ଡ ସ୍ଥାପନ କରିଛନ୍ତି । ସେ ଦେଶର ସବୁଠାରୁ ଅଧିକ ସମୟ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ସ୍ଥାପନ କରିଛନ୍ତି ।



# ପଶ୍ଚିମବଙ୍ଗ ଦିବସ ଉତ୍ସବରେ ଯୋଗଦେଲେ ପ୍ରଧାନମନ୍ତ୍ରୀ




କୋଲକାତା : ପଶ୍ଚିମବଙ୍ଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ହୁଗୁଳି ଜିଲ୍ଲାର ତାରକେଶ୍ୱରରେ ପହଂଚିଛନ୍ତି । ତାରକେଶ୍ୱରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଡୋକ୍ରା କଳାର ଏକ ଦୁର୍ଗା ମୂର୍ତି, ତାରକନାଥ ମନ୍ଦିରର ଚିତ୍ରକଳା, ରସଗୋଲ୍ଲା ଏବଂ ଜଳଭରା ସନ୍ଦେଶ ପ୍ରଦାନ କରି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ଶନିବାର ଅପରାହ୍ନରେ ଡମ୍ ଡମ୍ ବିମାନ ବନ୍ଦରରେ ପହଂଚିଥିଲେ । ସେଠାରୁ ସେ ହେଲିକପ୍ଟର ଯୋଗେ ତାରକେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ ଏବଂ ଅପରାହ୍ନ ୪ଟା ପରେ ସେଠାରେ ପହଂଚିଥିଲେ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ଆର୍.ଏନ୍. ରବି ମଧ ଉପସ୍ଥିତ ଥିଲେ । ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ପ୍ରଥମ ଥର ପାଇଁ 'ଆଇଡି୧'କୁ ପଶ୍ଚିମବଙ୍ଗ ଦିବସ ଭାବେ ପାଳନ କରାଯାଉଛି । ପୂର୍ବରୁ ମମତା ବାନାର୍ଜୀଙ୍କ ସରକାରରେ ପ୍ରଥମ ବୈଶାଖୀକୁ ପଶ୍ଚିମବଙ୍ଗ ଦିବସ ଭାବେ ପାଳନ କରାଯାଉଥିଲା । ନୂତନ ସରକାର ୨୦ ଜୁନ୍‌କୁ ପଶ୍ଚିମବଙ୍ଗ ଦିବସ ଭାବରେ ପାଳନ କରିବାକୁ ନିଷ୍ପତି ନେଇଛନ୍ତି । ଏହା ସ୍ମରଣୀୟ ଯେ ୨୦ ଜୁନ୍‌ର ୧୯୪୭ରେ, ବଙ୍ଗଳାର ପ୍ରାଦେଶିକ ବିଧାନସଭା ପଶ୍ଚିମବଙ୍ଗକୁ ଭାରତ ମଧ୍ୟରେ ଏକ ପୃଥକ ପ୍ରଦେଶ ଭାବରେ ବଜାୟ ରଖିବା ସପକ୍ଷରେ ଏକ ସଂକଳ୍ପ ପାରିତ କରିଥିଲା । ଏହି ନିଷ୍ପତି ପଛରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିବେଚନା କରାଯାଏ । ତାରକେଶ୍ୱରଙ୍କ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ଦିବସ ସହିତ ଡ. ମୁଖାର୍ଜୀଙ୍କ ଅବଦାନକୁ ମଧ ବିଶେଷ ଭାବେ ସ୍ମରଣ କରାଯାଇଥିଲା ।

# ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ରାଇରଙ୍ଗପୁରା : ଜୟ ଜଗନ୍ନାଥ ! ଜୟ ମା' କିଚକେଶ୍ୱରୀ !

ସବୁ ଭାଇ, ଭଉଣୀ, ମା', ମଉସୀ ମାନଙ୍କୁ ମୋର ନମସ୍କାର ।

ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଶ୍ରୀ ହରି ବାବୁ, ଏଠାକାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ପ୍ରଭାତୀ ପରିଡ଼ା, ଓଡ଼ିଶାର ମନ୍ତ୍ରୀ ଗଣେଶ ସିଂହ ଖୁଂଟିଆ, କୃଷ୍ଣ ଚନ୍ଦ୍ର ମହାପାତ୍ର, ସାଂସଦ ନବ ଚରଣ ମାଝୀ, ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ଅନ୍ୟ ମହାନୁଭବ, ଭାଇ ଓ ଭଉଣୀମାନେ । ଆମ ଓଡ଼ିଶାରେ ଏବେ ଉତ୍ସବର ଆନନ୍ଦ ଚାଲିଛି । ଏଠାକାର ଗଣପର୍ବ 'ରଜ' ଗତ ସପ୍ତାହରେ ହିଁ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପ୍ରସ୍ତୁତି ମଧ ଜୋରସୋରରେ ଚାଲିଛି । ମୟୂରଭଞ୍ଜର ବାରିପଦା ମଧ ରଥଯାତ୍ରାକୁ ନେଇ ଉତ୍ସାହର ପରିବେଶ ଜମୁଛି । ଏବଂ, ଏସବୁ ଭିତରେ ଗଣତନ୍ତ୍ରର ବିକାଶର ଉତ୍ସବ ମଧ ଚାଲିଛି । ଓଡ଼ିଶାର ବିଜେପି ସରକାର ନିଜର ୨ ବର୍ଷ ମଧ ପୂର୍ଣ୍ଣ କରିଛନ୍ତି । ଏହି ଅବସରରେ ଆପଣମାନଙ୍କ ଗହଣକୁ ଆସିବା, ମୟୂରଭଞ୍ଜ ଆସିବାର ଏହି ସୌଭାଗ୍ୟ ଏବଂ





ଏତେ ବଡ଼ ସଂଖ୍ୟାରେ ଆପଣମାନଙ୍କ ଉପସ୍ଥିତି, ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର । ଆପଣମାନଙ୍କର ଏହି ଆପଣାପଣ ମୋତେ ବାରମ୍ବାର ଏଠାକୁ ଟାଣି ଆଣେ । ମୁଁ ଆପଣ ସମସ୍ତଙ୍କୁ ହୃଦୟରୁ ବହୁତ ବହୁତ ଅଭିନନ୍ଦନ ଜଣାଉଛି । ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଡବଲ୍ ଇଞ୍ଜିନ ସରକାରରେ ବିକାଶ ଯାତ୍ରାର ମଧ ବଧେଇ ଜଣାଉଛି, ଶୁଭକାମନା ଜଣାଉଛି । ଏଥିସହିତ, ଏହି ଅବସରରେ ମୁଁ ପଣ୍ଡିତ ରଘୁନାଥ ମୁର୍ମୁ, ଡକ୍ଟର ଦମୟନ୍ତୀ ବେଶ୍ରା ଏବଂ ଶ୍ରୀ ଚରଣ ହେମ୍ବ୍ରମଙ୍କ ଭଳି ମହାନ ବ୍ୟକ୍ତିତ୍ୱମାନଙ୍କୁ ମଧ ପ୍ରଣାମ କରୁଛି । ଶ୍ରୀ ରଘୁନାଥ ମୁର୍ମୁ ସନ୍ଥାଳୀ ଭାଷା ପାଇଁ 'ଅଲ୍ ଚିକି' ଲିପିର ସୃଷ୍ଟି କରିଥିଲେ । ଆମ ସରକାର ସନ୍ଥାଳୀ ଭାଷାରେ ଭାରତର ସମ୍ବିଧାନକୁ ପ୍ରସ୍ତୁତ କରିଛନ୍ତି । ଓଡ଼ିଶାର ସନ୍ତାନମାନଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି । ବିଗତ ୨ ବର୍ଷ ମଧରେ ଓଡ଼ିଶା ସରକାର ମଧ ଏହି ସମସ୍ତ ମହାନୁଭବଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି । ବନ୍ଧୁଗଣ, ଆଜିର ଏହି ଅବସର ଏଥିପାଇଁ ମଧ ସ୍ୱତନ୍ତ୍ର, କାରଣ ମୟୂରଭଞ୍ଜର ମାଟିରେ ବଢ଼ିଥିବା, ଓଡ଼ିଶାର ଝିଅ, ମାନ୍ୟବର ରାଷ୍ଟ୍ରପତି ଆମ ଗହଣରେ ଉପସ୍ଥିତ ଅଛନ୍ତି । ଆଜି ତାଙ୍କର ଜନ୍ମଦିନ ମଧ । ମୁଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି, ମୁଁ ତାଙ୍କର ଦୀର୍ଘାୟୁ ଏବଂ ଉତମ ସ୍ୱାସ୍ଥ୍ୟ କାମନା କରୁଛି । ଭଗବାନ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛି । ଓଡ଼ିଶାର ଝିଅ ଆଜି ଦେଶର ଏତେ ବଡ଼ ପଦବୀରେ ପହଂଚିଛନ୍ତି, ଆମକୁ ମାର୍ଗଦର୍ଶନ କରୁଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱ, ତାଙ୍କର ଉଦାର ଓ ସ୍ନେହୀ ସ୍ୱଭାବ, ରାଷ୍ଟ୍ର ଏବଂ ସମାଜର ସେବା ପାଇଁ ତାଙ୍କର ଅଟଳ ସମର୍ପଣ, ସେ କେବଳ ମୟୂରଭଞ୍ଜ ନୁହେଁ, ସମଗ୍ର ଓଡ଼ିଶାର ପରିଚୟକୁ ସଶକ୍ତ କରିଛନ୍ତି । ମୁଁ ଏହି ଅବସରରେ, ତାଙ୍କୁ ସ୍ୱତନ୍ତ୍ର ଭାବେ ଅଭିନନ୍ଦନ ଜଣାଉଛି । ବନ୍ଧୁଗଣ, ଏହି କାର୍ଯ୍ୟକ୍ରମ ଯେତେବେଳେ ପ୍ରସ୍ତୁତ ହେଲା, ସେତେବେଳେ କେମିତି ଏ ଯାତାୟାତ ପ୍ରସ୍ତୁତ ହେବ ସେ ନେଇ ଅନେକ ଚର୍ଚ୍ଚା ହେଉଥିଲା । କିନ୍ତୁ କୌଣସି ସ୍ଥିର ହୋଇପାରୁ ନଥିଲା । ୨୧ ଜୁନ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ କୋଲକାତାରେ ସ୍ଥିର ହେଲା, ତେଣୁ ମୁଁ କହିଲି ଏହା ଭଲ କଥା, ଆଜି ବଙ୍ଗ ଦିବସ ମଧ, ତେବେ କାହିଁକି ମୁଁ ସକାଳେ ମୟୂରଭଞ୍ଜ ହୋଇ ସନ୍ଧ୍ୟାରେ କୋଲକାତାର କାର୍ଯ୍ୟକ୍ରମକୁ ନ ଯିବି । ଏବଂ ଏହି କାରଣରୁ ଏହି ୨୦ ଜୁନ୍ ସ୍ଥିର ହେଲା ।

## ଓଡ଼ିଶା ପାଇଁ ଏକ ଐତିହାସିକ ଦିନ

# ରାଜ୍ୟକୁ ନୂତନ ଦିଗ ଦେବା ପାଇଁ ଆମ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର/ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ରାଇରଙ୍ଗପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜନକଲ୍ୟାଣ, ସୁଶାସନ, ଶିକ୍ଷା ବିକାଶ ଓ ସାମାଜିକ ନ୍ୟାୟ ମାଧ୍ୟମରେ ରାଜ୍ୟକୁ ଏକ ନୂତନ ଦିଗ ପ୍ରଦାନ କରିବା ପାଇଁ ତାଙ୍କ ସରକାର ଦୃଢ଼ ପ୍ରତିବଦ୍ଧ । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିବସ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିକୁ ସେ ଓଡ଼ିଶା ପାଇଁ ଏକ ଐତିହାସିକ ଓ ଗୌରବମୟ ମୁହୂର୍ତ ବୋଲି ବର୍ଣ୍ଣନା କରିଛନ୍ତି । ନିଜର ସ୍ୱାଗତ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ୬୮ତମ ଜନ୍ମଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ତାଙ୍କ ଜୀବନ ତ୍ୟାଗ, ସେବା ଓ ସମର୍ପଣର ଏକ ଅଦ୍ୱିତୀୟ



ଉଦାହରଣ । ମୟୂରଭଞ୍ଜ ଜିଲ୍ଲାର ଏକ ସାଧାରଣ ଆଦିବାସୀ ଗ୍ରାମରୁ ଜୀବନ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେବା ତାଙ୍କର କର୍ମନିଷ୍ଠା, ଜନସେବା ପ୍ରତି ନିଷ୍ଠା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଟୁଟ ବିଶ୍ୱାସର ପ୍ରତିଫଳନ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଦେଶର କୋଟି କୋଟି ମହିଳାଙ୍କ ପାଇଁ ପ୍ରେରଣାର ଏକ ଉଜ୍ଜ୍ୱଳ ଉତ୍ସ ବୋଲି ଅଭିହିତ କରିବା ସହ ତାଙ୍କର ଦୀର୍ଘାୟୁ, ସୁସ୍ଥ ଓ ସୁଖମୟ ଜୀବନ କାମନା କରିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଓଡ଼ିଶା ପ୍ରତି ତାଙ୍କର ବିଶେଷ ସ୍ନେହ, ଭରସା ଓ ସହଯୋଗ ରାଜ୍ୟର ସବୁଠାରୁ ବଡ଼ ପୁଞ୍ଜି । ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶପଥ ଗ୍ରହଣ ସମାରୋହଠାରୁ ଆରମ୍ଭ କରି ପ୍ରଥମ ଓ ଦ୍ୱିତୀୟ ବର୍ଷପୂର୍ତି ଅବସର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆଠ ଥର ଓଡ଼ିଶା ଗସ୍ତ କରିଛନ୍ତି ଏବଂ ପ୍ରତ୍ୟେକ ଗସ୍ତରେ ରାଜ୍ୟ ପାଇଁ ବିକାଶର ନୂତନ ଉପହାର ନେଇ ଆସିଛନ୍ତି । ସେ କହିଥିଲେ ଯେ, ଗତ ୧୨ ବର୍ଷ ମଧରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସେବା, ସୁଶାସନ ଓ ଜନକଲ୍ୟାଣର ଏକ ନୂତନ ସଂଜ୍ଞା ସୃଷ୍ଟି କରିଛନ୍ତି । ୨୦୧୪ ପରଠାରୁ ଆରମ୍ଭ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ସୁଫଳ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ପହଂଚିଛି ।

# ପିଏମ୍ କିଷାନ ଯୋଜନାର ୨୩ ତମ କିସ୍ତି ପ୍ରଦାନ

## ୩୪.୬୪ ଲକ୍ଷରୁ ଉର୍ଦ୍ଧ କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୬୯୨.୮୬ କୋଟି ଟଙ୍କାର ଆର୍ଥିକ ସହାୟତା

ଭୁବନେଶ୍ୱର/ରାଇରଙ୍ଗପୁର : ଆଜି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ପଶ୍ଚିମବଙ୍ଗର ହୁଗୁଳି ସ୍ଥିତ ତାରକେଶ୍ୱର ଠାରେ ପିଏମ୍ କିଷାନ ଯୋଜନାର ୨୩ ତମ କିସ୍ତି ପ୍ରଦାନ କରାଯାଇଛି ଓ ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮,୮୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ଓଡିଶାର ୩୪.୬୪ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆଜି ୬୯୨.୮୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା । କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀମାନେ ବିହନ, ସାର, କୀଟନାଶକ ଓ ଚାଷପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା



ପାଇଁ ବ୍ୟବହାର କରିପାରିବେ । ଏଥିରେ ସମସ୍ତ ଯୋଗ୍ୟ କୃଷକମାନଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬ ,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ 'ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ' ରୂପେ ପାଳନ କରାଯାଉଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ମହତାବ ଭବନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି ରବି ଋତୁରେ ମଧ ଚାଷୀଙ୍କ ଠାରୁ ସରକାର କୁଇଂଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି । ଗତ ଦୁଇବର୍ଷ ମଧରେ ରାଜ୍ୟର ଚାଷୀମାନେ ବିଭିନ୍ନ ଫଳ ପନିପରିବା ଚାଷ କରି ବିଦେଶକୁ ରପ୍ତାନି କରି ଭଲ ରୋଜଗାର କରିପାରିଛନ୍ତି ଏବଂ 'ଚାଷୀ ହସିଲେ ଦେଶ ହସିବ' ଉକ୍ତିକୁ ସତ୍ୟରେ ପରିଣତ କରିପାରିଛନ୍ତି ।

# ଆଫଗାନିସ୍ତାନ ବିପକ୍ଷରେ ଭାରତର ବିଶାଳ ବିଜୟ

ଚେନ୍ନାଇ: ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଶନିବାର ଆଫଗାନିସ୍ତାନ ବିପକ୍ଷରେ ବିଶାଳ ବିଜୟ ହାସଲ କରିଛି । ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି । ୩ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ଏଥି ସହିତ ଭାରତ ଏହି ସିରିଜକୁ ୩-୦ରେ ଜିତିଛି । ଚେନ୍ନାଇରେ ଆଜି ଭାରତ ୨୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଦଳ ପାଇଁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ବ୍ୟାଟିଂ କରିଥିଲେ । ଉଭୟ ପ୍ରଥମ ୱିକେଟ ପାଇଁ ଶକ୍ତିଶାଳୀ ଆରମ୍ଭ କରିଥିଲେ । ପ୍ରଥମ ୱିକେଟ ପାଇଁ ୧୭୦ ରନ୍ ସଂଗ୍ରହ କରିଥିଲେ । ଏଥିରୁ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୭୯ ରନ୍ କରିଥିଲେ । ସେ ୬୯ଟି ବଲ୍ ଖେଳି



୯ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ଭାରତ ପାଇଁ ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି । ସେ ଅପରାଜିତ ଶତକ (୧୧୦ ରନ୍) ହାସଲ କରିଛନ୍ତି । ୮୬ଟି ବଲ୍ ଖେଳି ୧୪ଟି ଚୌକା ଏବଂ ୩ଟି ଛକା ମାରିଛନ୍ତି । ଶ୍ରେୟସ ଆୟର ୨ଟି ଛକା ବଳରେ ଅପରାଜିତ ୨୦ ରନ୍ କରିଛନ୍ତି । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଆଫଗାନିସ୍ତାନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା । ହସମତୁଲ୍ଲା ସାହିଦୀଙ୍କ ନେତୃତ୍ୱରେ ଦଳ ୪୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିଥିଲା । ଆଫଗାନିସ୍ତାନ ପାଇଁ ଅଧିନାୟକ ହସମତୁଲ୍ଲା ସାହିଦୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୧୩୧ଟି ବଲ୍ ଖେଳି ଶତକ (୧୦୨ ରନ୍) କରିଥିଲେ । ଏଥିରେ ସେ ୧୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ସେହିପରି ଆଜମାତୁଲ୍ଲା ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୫୬ଟି ବଲ୍ ଖେଳି ୫ଟି ଚେ?କା ଏବଂ ୨ଟି ଛକା ମାରିଥିଲେ । ମହମ୍ମଦ ନବି ୨୧ ରନ୍ ସଂଗ୍ରହ କରିଥିଲେ । ଇବ୍ରାହିମ ଜର୍ଦାନଙ୍କ ବ୍ୟାଟରୁ ୧୧ ରନ୍‌ଅମଳ ହୋଇଥିଲା ।

# ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡ଼ିଲେ ହାର୍ଦ୍ଦିକ

ନୂଆଦିଲ୍ଲୀ : ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ସିରିଜ୍ ଖେଳୁଛି । ଏହା ପରେ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳିବ ଟିମ୍ ଇଣ୍ଡିଆ । ଭାରତୀୟ କ୍ରିକେଟ୍ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡ଼ିଛନ୍ତି । ୫୦ ଓଭରିଆ କ୍ରିକେଟ୍ ପାଇଁ ଆବଶ୍ୟକ ଫିଟ୍‌ନେସ୍ ସ୍ତରରେ ପହଂଚି ପାରିନଥିବାରୁ ଜାତୀୟ ଚୟନ ସମିତି ତାଙ୍କୁ ନେଇ ଏଭଳି ନିଷ୍ପତି ନେଇଛି । ଆଗକୁ ବିଶ୍ୱକପ ଥିବାବେଳେ ବେଳେ ପାଣ୍ଡ୍ୟା ବାଦ୍ ପଡ଼ିବା ଟିମ୍ ଇଣ୍ଡିଆ ପାଇଁ ଚନ୍ତାର କାରଣ ହୋଇଛି । ସେପଟେ ଆଫଗାନିସ୍ତାନ ବିପକ୍ଷ ସିରିଜରୁ ବାଦ ପଡିଥିବା କୋହଲି ଜୁନ୍ ୨୨ରେ ଫିଟନେସ୍ ପରୀକ୍ଷା ଦେବେ । ଏହା ପରେ କୋହିଲଙ୍କ ଚୟନ ଉପରେ ନିଷ୍ପତି ନିଆଯିବ । ଜାତୀୟ ଗଣମାଧ୍ୟମ ଅନୁଯାୟୀ, ୩୨ ବର୍ଷୀୟ ପାଣ୍ଡ୍ୟା ଏପର୍ଯ୍ୟନ୍ତ ପୂର୍ଣ୍ଣ ବୋଲିଂ କାର୍ଯ୍ୟଭାର ସମ୍ଭାଳିବାରେ ସକ୍ଷମ ହୋଇନାହାନ୍ତି । ଦିନିକିଆ କ୍ରିକେଟ୍ ପାଇଁ ସମ୍ପୂର୍ଣ୍ଣ ଫିଟ୍ ହେବାକୁ ତାଙ୍କୁ ଆହୁରି କିଛି ସମୟ ଲାଗିବ । ଚଳିତ ବର୍ଷର ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଥିବା ପାଣ୍ଡ୍ୟା



ସେତେବେଳେ ପିଠି ଯନ୍ତ୍ରଣାର ପୀଡ଼ିତ ହୋଇଥିଲେ । ଏହାପରେ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇର ପାରଦର୍ଶିତା କେନ୍ଦ୍ରରେ ପୁନର୍ବାସ ପ୍ରକ୍ରିୟା ଜାରି ରଖିଥିଲେ । ପ୍ରଶିକ୍ଷଣ ସମୟରେ ସେ ୧୦ ଓଭରର ପୂର୍ଣ୍ଣ ବୋଲିଂ କୋଟା ମଧ ସମାପ୍ତ କରିଥିଲେ, ଯାହା ତାଙ୍କ ଶୀଘ୍ର ପ୍ରତ୍ୟାବର୍ତ୍ତନର ସଙ୍କେତ ଦେଇଥିଲା । ତେବେ ପୁନର୍ବାସ ସମୟରେ ସେ ପୁଣିଥରେ ଆହତହୋଇଥିଲେ ଏବଂ ଏବେସୁଦ୍ଧା ପୂରା ଫିଟ୍‌ନେସ୍ ପାଇ ନଥିବା ଜଣାପଡ଼ିଛି । ହାର୍ଦ୍ଦିକଙ୍କ ଅନୁପସ୍ଥିତିକିନ୍ତୁ ଭାରତୀୟ ଦଳର ଦିନିକିଆ ଯୋଜନାକୁ ପ୍ରଭାବିତ କରିପାରେ । ଜଣେ ଦ୍ରୁତ ବୋଲର ଅଲ୍‌ରାଉଣ୍ଡର ଓ ମ୍ୟାଚ୍ ଫିନିସର୍ ଭାବେ ସେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ । ୨୦୨୭ ବିଶ୍ୱକପକୁ ଦୃଷ୍ଟିରେ ରଖି ଦଳୀୟ ଅଧିକାରୀମାନେ ତାଙ୍କୁ ଅଧିକ ଦିନିକିଆ ମ୍ୟାଚ୍ ଖେଳାଇବା ସହ ତାଙ୍କ କାର୍ଯ୍ୟଭାରକୁ ସତର୍କତାର ସହ ପରିଚାଳନା କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଆଇପିଏଲରେ ଆହତ ହୋଇଥିବା ଟିମ୍ ଇଣ୍ଡିଆ କିଙ୍ଗ୍ ବିରାଟ କୋହଲି ଜୁନ୍ ୨୨ ତାରିଖରେ ଏକ ଫିଟନେସ୍ ପରୀକ୍ଷା ଦେବେ । ଯାହା ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରଜ୍ ପାଇଁ ଚୟନ କରିପାରେ । ସିଓଇ ଲଣ୍ଡନରେ ବିରାଟଙ୍କ ସହିତ ଯୋଗାଯୋଗରେ ଅଛନ୍ତି । ତାଙ୍କୁ ଏକ ପୁନର୍ବାସ କାର୍ଯ୍ୟକ୍ରମ ଦିଆଯାଇଥିଲା । ବିରାଟ ହାମଷ୍ଟ୍ରିଙ୍ଗ୍ ଆଘାତକୁ ଧିରେ ଧିରେ ସୁସ୍ଥ ହେଉଛନ୍ତି । ଜୁନ୍ ୨୨ରେ ବିରାଟ କୋହଲି ଆଉ ଥରେ ଫିଟନେସ ଟେଷ୍ଟ ଦେବେ । ଆସନ୍ତା ସପ୍ତାହରେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ଦଳ ଘୋଷଣା ହେବ । ବିଶେଷ କରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଚୟନକୁ ଫୋକସ କରାଯାଇଛି । ଭାରତ-ଇଂଲଣ୍ଡ ଦିନିକିଆ ଶୃଙ୍ଖଳା ଇଂଲଣ୍ଡର ବର୍ମିଂହାମଠାରେ ଆରମ୍ଭ ହେବାର ଅଛି । ପରବର୍ତୀ ଦୁଇଟି ମ୍ୟାଚ୍ କାର୍ଡିଫ୍ ଓ ଲର୍ଡସରେ ଖେଳାଯିବ । ଜୁଲାଇ ୧୪, ୧୬ ଓ ୧୯ ତାରିଖରେ ମ୍ୟାଚ୍ ଅନୁଷ୍ଠିତ ହେବ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**